
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ, ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ଶୁକ୍ରବାର ୧୧ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 MARCH 2022
Vol.No. 33 ■ No. 67 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ପଞ୍ଜାବକୁ ଛାଡ଼ି ସବୁଠି ଫୁଟିଲା ପଦ୍ମ



ନୂଆଦିଲ୍ଲୀ, ୧୦/୦୩ : ଆସିଛି ୫ ରାଜ୍ୟର ଜନାଦେଶ। ସବୁ ଆଶା ଓ ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ଟାଣି ପୁଣିଥରେ ୪ ରାଜ୍ୟରେ ସରକାର ଗଠନ କରିବାକୁ ଜନମତ ପାଇଛି ବିଜେପି। ଦରବୃଦ୍ଧି, ଚାଷୀ ଓ ବେକେରୀ ଭଳି ସମସ୍ୟା ବିଜେପି ବେକରେ କଣ୍ଟା ହୋଇ ଲାଗିବ ବୋଲି ଆଶଙ୍କା କରାଯାଉଥିଲା। ହେଲେ ବିଜେପିର ଗେମ ପ୍ଲାନ ବିରୋଧୀଙ୍କ ସବୁ ଆଶାରେ ପାଣି ପକାଇ ଦେଇଛି। ବିଜେପି ଉତ୍ତର ପ୍ରଦେଶ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁରରେ ପୂର୍ଣ୍ଣବହୁତ ହାସଲ କରିଛି। ଏହାର ଅର୍ଥ ବିଜେପି ଏଠାରେ ପୁଣି ସରକାର ଗଠନ କରିବାକୁ ଯାଉଛି। ଏହି ସବୁ ରାଜ୍ୟରେ ବିଜେପି ୨.୦ ସରକାର ଆରମ୍ଭ ହେବାକୁ ଯାଇଛି। କେବଳ ପଞ୍ଜାବରେ ବିଜେପି ଆଖି ଦୃଶିଆ ପ୍ରଦର୍ଶନ କରିପାରିନାହିଁ। ଏଠାରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଏକାକୀ ୧୧୭ ଆସନରୁ ୯୨ଟିରେ ଜିତି ନୂଆ ଇତିହାସ ସୃଷ୍ଟି କରିଛି। ବାକି ୪ ରାଜ୍ୟ ବିଜେପି ରଙ୍ଗରେ ଗେରୁଆମୟ ହୋଇଛି। ଉତ୍ତର ପ୍ରଦେଶର ୪୦୩ ଆସନରୁ ବିଜେପି ଏବେ ସୁଦ୍ଧା ୧୦୯ଟିରେ ଜିତିଥିବା ବେଳେ ୧୬୦ଟିରେ ଆଗରେ ରହିଛି। ଏପରି ଟ୍ରେଣ୍ଡ ଜାରି ରହିଲେ ବିଜେପି ରାଜ୍ୟରେ ୨୬୯ଟି ଆସନ ଦଖଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବ। ୨୦୧୭ରେ ଦଳ ଏଠାରେ ଏକାକୀ ୩୧୨ ଆସନରେ ବିଜୟୀ ହୋଇଥିଲେ। ସେହିପରି ବିଜେପି ମେଣ୍ଟ ସପକ୍ଷରେ ୩୨୨ ଆସନ ପଡ଼ିଥିଲା। ହେଲେ ବିଜେପି ମେଣ୍ଟର ଆସନ କିମିଛି। ତଥାପି ବିଜେପି ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୨୦୨କୁ ଅତି ସହଜରେ ହାସଲ କରିପାରିଛି। ବିଜେପିକୁ କଡ଼ା ଟକ୍କର ଦେବାକୁ ଅଣ୍ଟା ଭିଡ଼ିଥିବା ସମାଜବାଦୀ ପାର୍ଟିର ଆସନ ସଂଖ୍ୟା ୨୦୧୭ ଅପେକ୍ଷା ବଢ଼ିଛି। କିନ୍ତୁ ସରକାର ଗଠନ ପାଇଁ ଦଳ ଆବଶ୍ୟକ ସଂଖ୍ୟା ହାସଲ କରିପାରି ନାହିଁ। ସପା ୩୨ଟିରେ ଜିତିଥିବା ବେଳେ ୯୮ରେ ଲିଡ କରୁଛି। ମାୟାବତୀଙ୍କ ବିଏସପି ଗୋଟିଏ ଆସନ ପାଇଛି। କଂଗ୍ରେସ ୨ଟି ଆସନରେ ସୀମିତ ରହିଛି। ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ୨ଟି ଆସନ ଯାଇଛି। ବିଜେପି ଉତ୍ତର ପ୍ରଦେଶରେ ସରକାର ଗଠନ କରିବାକୁ ଯାଉଥିବାରୁ ଯୋଗୀ ଆଦିତ୍ୟନାଥ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ। ପଞ୍ଜାବରେ ଆପ୍ ତା'ର ଯାଦୁ ଦେଖାଇଛି। କଂଗ୍ରେସକୁ ମାତ୍ ଦେଇ ଆପ୍ ଦଖଲ କରିଛି କ୍ଷମତା। ୧୧୭ ବିଧାନସଭା ଆସନରୁ ଆପ୍ ୯୨ଟି ଜିତିଥିବା ବେଳେ କଂଗ୍ରେସ ୧୮ଟି, ବିଜେପି ମେଣ୍ଟ, ଅକାଳୀ ଦଳ ୪ଟି ଓ ଅନ୍ୟାନ୍ୟ ଦଳ ଖାତାକୁ ଗୋଟିଏ ଆସନ ଯାଇଛି। ଆପ୍ ଜିତିଥିବାରୁ ଭଗୱନ୍ତ ମାନ ପଞ୍ଜାବର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ଗୋଆରେ ସରକାର ଗଠନ କରିବାକୁ କୌଣସି ରାଜନୀତିକ ଦଳକୁ ସ୍ପଷ୍ଟ ବହୁମତ ମିଳିନାହିଁ। ରାଜ୍ୟର ୪୦ ବିଧାନସଭା ଆସନରୁ ▶▶ପୃଷ୍ଠା ୭

# ୟୁପିରେ ପୁଣି ଚାଲିବ ଯୋଗୀ ରାଜ



ନୂଆଦିଲ୍ଲୀ, ୧୦/୦୩ : ୟୁପି ଉପରେ ସମସ୍ତଙ୍କ ନଜର ଅଟକିଥିଲା । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ବେଳେ କୃଷକ ଆନ୍ଦୋଳନ, ଦରଦାମ ବୃଦ୍ଧି, ପେଟ୍ରୋଲ ଡିଜେଲର ଦରବୃଦ୍ଧି ଭଳି ପ୍ରସଙ୍ଗ ଯୋଗୀ ସରକାରଙ୍କୁ ବ୍ୟାକ୍ ଫୁଟରେ ରଖିଥିଲା । ଅନ୍ୟପଟେ କ୍ଷମତାକୁ ଫେରିବା ପାଇଁ ପୂରା ଦମ ଲଗାଇ ଦେଇଥିଲେ ଅଖିଳେଶ । ଲାଗୁଥିଲା ଏଥର ଯୋଗୀଙ୍କ ପାଇଁ ସହଜ ହେବନାହିଁ ଏହି ନିର୍ବାଚନ । କିନ୍ତୁ ଏହିସବୁ ଆକଳନ ସଂପୂର୍ଣ୍ଣ ଫେଲ ମାରିଛି । ପୁଣି ମୋଦୀଙ୍କ ପଦ୍ମ ଫୁଟିଛି ୟୁପିରେ । ୟୁପିରେ ଯୋଗୀ ଉଡାଇଛନ୍ତି ଗେରୁଆ ବାନା । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ବିଶାଳ ନିର୍ବାଚନ ରାଲି, ସରକାର ଗଢ଼ିବା ପାଇଁ ଯେଉଁ ଜନମତ ଆବଶ୍ୟକ, ତାହା ଇଭିଏମ୍ରୁ ପ୍ରତିଫଳିତ ହୋଇନାହିଁ । ମୋଦୀ-ଅମିତଙ୍କ ରଣନୀତି ଆଗରେ ସବୁକିଛି ଫିକା ପଡିଯାଇଛି । ୟୁପି ନିର୍ବାଚନକୁ ବିଜେପି, ଯେଉଁଭଳି ଚ୍ୟାଲେଞ୍ଜ ଭାବି ପ୍ରଥମରୁ ଅଭିଯାନ ଆରମ୍ଭ କରିଥିଲା, ତା'ର ଫଳ ପାଇଛି ଦଳ । ବିପୁଳ ସଫଳତା ପାଇବା ପରେ ବିଜୟ ଉତ୍ସବ ମନାଇଛନ୍ତି ନେତା ଓ କର୍ମୀ । ଏହି ଉତ୍ସବ ପାଇଁ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିର ଚାଣକ୍ୟ କୁହାଯାଉଥିବା ଅମିତ ଶାହା ଦିନ-ରାତି ଏକ କରି ପ୍ରଚାର କରିଥିଲେ । ପାଖାପାଖି ୨୦୦ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର କରିଥିଲେ ପ୍ରଧାନମନ୍ତ୍ରୀ । ପଶ୍ଚିମ ଉତ୍ତରପ୍ରଦେଶ, ଯେଉଁଠି କୃଷକ ଆନ୍ଦୋଳନର ନେତାମାନେ ବେଶ ସକ୍ରିୟ ରହିଥିଲେ, ସେଠାରେ ସ୍ୱତନ୍ତ୍ର ରଣନୀତି କରିବା ସହ ମାୟାବତୀଙ୍କୁ ପ୍ରଶଂସା କରି ଦଳିତଙ୍କ ହୃଦୟ ଜିତିବାକୁ ଉଦ୍ୟମ କରିଥିଲେ ଅମିତ ଶାହା । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୟୁପି ବିଧାନସଭା ନିର୍ବାଚନକୁ ସେମିଫାଇନାଲ୍ ବୋଲି କୁହାଯାଏ । କାରଣ ସବୁଠୁ ଅଧିକ ସାଂସଦ ▶▶ପୃଷ୍ଠା ୭

## ଅନୁପ୍ରବେଶକାରୀ ନିହତ : ପାକିସ୍ତାନୀ ଡ୍ରୋନ୍କୁ ମାରି ଖସାଇଲା ସେନା

ନୂଆଦିଲ୍ଲୀ, ୧୦/୦୩ : ଜଣେ ଅନୁପ୍ରବେଶକାରୀ ଭାରତୀୟ ସେନା ଗୁଳିରେ ନିହତ ହୋଇଥିବା ବେଳେ ପାକିସ୍ତାନର ଏକ ଡ୍ରୋନ୍ ଭାରତ ସୀମା ଭିତରକୁ ପ୍ରବେଶ ଉଦ୍ୟମ ବିଫଳ ହୋଇଛି। ବୁଧବାର ପାକିସ୍ତାନର ଏହି ଡ୍ରୋନ୍କୁ ମାରି ଖସାଇ ଦେଇଛି ବିଏସଏଫ। ଭାରତ-ପାକିସ୍ତାନ ସୀମା ପଞ୍ଜାବରେ ଏହି ଘଟଣା ଘଟିଛି। ସେହିପରି ଅମୃତସର ସେକ୍ଟରରେ ଜଣେ ପାକିସ୍ତାନୀ ବ୍ୟକ୍ତି ଅନୁପ୍ରବେଶ ପାଇଁ ପ୍ରବେଶ ଉଦ୍ୟମ କରୁଥିବା ବେଳେ ସେନା ଗୁଳିରେ ନିହତ ହୋଛି। ସମ୍ପୃକ୍ତ ଅନୁପ୍ରବେଶକାରୀକୁ ଭାରତୀୟ ଯବାନ ମାନେ ଅଟକାଇବାକୁ ଚେଷ୍ଟା କାଥିଲେ ମଧ ସେ ଶୁଣି ନଥିଲା। ଏହା ପରେ ବିଏସଏଫ ପକ୍ଷରୁ ଗୁଳି କରାଯାଥିଲା । ଘଟଣାସ୍ଥଳରେ ପାକିସ୍ତାନୀ ଅନୁପ୍ରବେକରୀଙ୍କ ମୃତ୍ୟ ଘଟିଥିଲା। ବିଏସଏଫ ମୁଖପାତ୍ର ଏହି ଏହି ସୂଚନା ଦେଇଛନ୍ତି। ସେହିପରି ବୁଧବାର ସକାଳେ ହାଭେଲିଆନ୍ ନଗର ଭ୍ରାମରେ ଏକ ଡ୍ରୋନ୍ ଉଡୁଥିବା ବେଳେ ବିଏସଏଫ ପକ୍ଷରୁ ଗୁଳି ମାରି ଖସାଇ ଦିଆଯାଇଛି। ଧଳାରଙ୍ଗର ତଥା ଡିଜେଇଆଇ ମଡେଲର ଡ୍ରୋନ୍ଟି ପାକିସ୍ତାନରୁ ଆସିଥିବା ଜଣାପଡ଼ିଛି।

# ଯୁଦ୍ଧ ସଂକଟ: ରୁଷ-ୟୁକ୍ରେନ ଆଲୋଚନା ବିଫଳ



ନୂଆଦିଲ୍ଲୀ, ୧୦/୦୩ : ଦୁଇ ସପ୍ତାହ ପୂରି, ତୃତୀୟ ସପ୍ତାହରେ ପ୍ରବେଶ କରିଛି ରଷ-ୟୁକ୍ରେନ ଯୁଦ୍ଧ । ଦିନ ଗଡ଼ିବା ସହ ଯୁଦ୍ଧ ବିଭୀଷିକା ବଢୁଛି । ଲୋକଙ୍କ ଦୁର୍ଦ୍ଦଶା ବି ବଢୁଛି। ରୁଷ ୟୁକ୍ରେନ ନାଗରିକଙ୍କ ବିରୋଧରେ ବି ଦମନଲୀଳା ଚଳାଇଥିବା ଅଭିଯୋଗ ହେଉଥିବା ବେଳେ ମାରିଉପୋଲ ମ୍ୟାଟର୍ନିଟି ହସ୍ପିଟାଲରେ ରୁଷର ଏୟାରଷ୍ଟ୍ରାଇକ୍କୁ ନେଇ ବିବାଦ ଘନେଇଛି। ସେପଟେ ତୁର୍କୀରେ ଆଜି ଦୁଇ ଦେଶର ବୈଦେଶିକ ମନ୍ତ୍ରୀ ପରସ୍ପରକୁ ଭେଟି ବିବାଦର ସମାଧାନ ପାଇଁ ଆଲୋଚନା କରିଥିଲେ ମଧ୍ୟ, କେହି କାହା ସର୍ତ୍ତ ମାନିବାକୁ ରାଜି ନହେବାରୁ ତାହା ନିଷ୍ଫଳ ହୋଇଛି । ଦକ୍ଷିଣ ୟୁକ୍ରେନୀୟ ସହର ମାରିଓପୋଲର ଏକ ମ୍ୟାଟର୍ନିଟି ବା ପ୍ରସୂତି ହସ୍ପିଟାଲରେ ରୁଷୀୟ ଏୟାର ଷ୍ଟ୍ରାଇକ ପରେ ହସ୍ପିଟାଲ କୋଠା ଖିନଭିନ୍ ହୋଇଛି। ଆକ୍ରମଣରେ ଏକ ଶିଶୁ ସମେତ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ୧୭ ଜଣ ଆହତ ହୋଇଛନ୍ତି। କେବଳ ମାରିଉପୋଲ୍ ନୁହେଁ, କିଭ୍ ?ର ପଶ୍ଚିମ ପଟେ ଥିବା ଝାଇତୋମିର୍ ସହରର ୨ଟି ହସ୍ପିଟାଲ ଉପରେ ବି ବୋମା ବର୍ଷଣ କରିଛି ରୁଷ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ, ଯୁଦ୍ଧ ଆରମ୍ଭ ଠାରୁ ୟୁକ୍ରେନ୍ର ୧୮ଟି ହସ୍ପିଟାଲ ଓ ଅନ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ରୁଷ ଆକ୍ରମଣର ଶିକାର ହୋଇଛି । ହସ୍ପିଟାଲ ଉପରେ ଆକ୍ରମଣ ରଷର ଗଣହତ୍ୟାର ପ୍ରମାଣ ଏବଂ ଏହା ଜଘନ୍ୟ ଯୁଦ୍ଧ ଅପରାଧ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି । ଜାତିସଂଘ ମଧ ଏହାର ନିନ୍ଦା କରିଛି। ଅନ୍ୟପକ୍ଷରେ କ୍ରେମ୍ଲିନ ମୁଖପାତ୍ର ଦିମିତ୍ରି ପେସ୍କୋଭ୍, ଗଣହତ୍ୟା ▶▶ପୃଷ୍ଠା ୭

## ଘର ଭଙ୍ଗା ବେଳେ କାନ୍ଥ ପଡି କବାଡିଆଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ବିଏମ୍ସି ଘର ଭାଙ୍ଗୁଥିବା ବେଳେ କାନ୍ଥ ପଡି ଜଣେ କବାଡିଆଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର କୋରାପୁଟ ଭବନରେ ଘର ଭଙ୍ଗା ଚାଲିଥିବା ବେଳେ କବାଡିଆ ଘର ପାଖରେ ଥିଲେ । ତାଙ୍କ ଉପରେ କାନ୍ଥ ପଡିଯିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣାସ୍ଥଳରେ ଲିଙ୍ଗରାଜ ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଛି ।

# କୋଟିଏ ଟଙ୍କାର ବ୍ରାଉନ୍ ସୁଗର ଜବତ : ୩ ଗିରଫ



ଭୁବନେଶ୍ୱର, ୧୦/୦୩ (ନି.ପ୍ର): ବ୍ରାଉନ୍ ସୁଗର ବିକ୍ରି ପାଇଁ ଡିଲ୍ ଚାଲିଥିଲା। ହଠାତ୍ ଚଢ଼ଉ କଲା କ୍ରାଇମବ୍ରାଞ୍ଚ ଏସ୍ଟିଏଫ୍ । ସେଠାରୁ ୩ ଜଣଙ୍କୁ ଗିରଫ କରିବା ସହିତ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍ ସୁଗର ଜବତ କରିଛି ଏସ୍ଟିଏଫ୍ । ଖୋର୍ଦ୍ଧା ଜିଲ୍ଲା ଜଟଣୀ ରାଜା ବଗିଚା ବଜାର ଅଞ୍ଚଳରେ କେତେକ ନିଶା ବେପାରୀ ବ୍ରାଉନ୍ ସୁଗର ବିକ୍ରି ପାଇଁ ଯୋଜନା କରୁଥିଲେ। ବୁଧବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ କ୍ରାଇମବ୍ରାଞ୍ଚ ଏସ୍ଟିଏଫ୍ ଅଚାନକ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କେଜିଏ ୩୨୦ ଗ୍ରାମ୍ ବ୍ରାଉନ୍ ସୁଗର ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ କୋଟିଏ ୩୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏଥିସହ ନଗଦ ଲକ୍ଷେ ୬୫ ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ କରିଛି। ଏହି ମାମଲାରେ ଏସ୍ଟିଏଫ୍ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମାମଲା ରହିଛି କି ନାହିଁ ଜଣାପଡ଼ି ନାହିଁ। ତାହା ଉପରେ ତଦନ୍ତ ଚାଲିଥିବା ଏସ୍ଟିଏଫ୍ କହିଛି। ଚାଲାଣ ହେଉଥିବା ବ୍ରାଉନ୍ ସୁଗର ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ଆସିଥିବା ଅନୁମାନ କରାଯାଉଛି। ଏଠାରୁ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ବିତରଣ କରିବା ପାଇଁ ଯୋଜନା କରାଯାଉଥିବା ଏସ୍ଟିଏଫ୍ କହିଛି। ଏହି ମାମଲାରେ ଆଉ କାହାର ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍ଟିଏଫ୍ କହିଛି।

# ପଞ୍ଜାବରେ ବୁଲିଲା ଝାଡୁ : ମାଟି କାମୁଡିଲା କଂଗ୍ରେସ



ଚଣ୍ଡିଗଡ, ୧୦/୦୩ (ନି.ପ୍ର): ଦିଲ୍ଲୀ ପରେ ପଞ୍ଜାବରେ ବୁଲିଲା ଝାଡୁ। ଭାଙ୍ଗିଲା କଂଗ୍ରେସର ଗଡ। କଂଗ୍ରେସ ଗଡରେ ପଶି ଆମ ଆଦମୀ ପାର୍ଟି କରିଛି ସର୍ଜିକାଲ ଷ୍ଟ୍ରାଇକ୍। ଆସିଲା ଆପ୍, ସାଫ୍ ହୋଇଗଲେ ଆଉ ସବୁ ଦଳ। ପଞ୍ଜାବ ବିଧାନସଭା ନିର୍ବାଚନରେ 'ହାତ'କୁ ଓପାଡି ଫିଙ୍ଗି ଦେଲା ଝାଡୁ। ଝାଡୁ ମାଡରେ ମାଟି କାମୁଡିଲା କଂଗ୍ରେସ। ଚଳିତ ପଞ୍ଜାବ ବିଧାନସଭା ନିର୍ବାଚନରେ ବଡ ବିଜୟ ହାସଲ କରିଛି ଆମ ଆଦମୀ ପାର୍ଟି। କଂଗ୍ରେସ ହାତରୁ ଛଡାଇ ନେଇଛି ପଞ୍ଜାବ। ୧୧୭ଟି ବିଧାନସଭା ଆସନ ବିଶିଷ୍ଟ ପଞ୍ଜାବରେ ଆପ୍ ୯୨ଟି ଆସନରେ ଜିତିଛି। ପଞ୍ଜାବରେ ଆମ ଆଦମୀ ପାର୍ଟି ସରକାର ଗଠନ କରିବା ନିଶ୍ଚିତ ହୋଇଛି। କାରଣ ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୫୯, ଯାହାକୁ ଆପ୍ ବେଶ ସହଜରେ ହାସଲ କରିନେଇଛି। ସେପଟେ କଂଗ୍ରେସ ଖାତକୁ ଯାଇଛି ▶▶ପୃଷ୍ଠା ୭

# ବିଜୟ ନେଇ କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମକୁ ଶ୍ରେୟ ଦେଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଦେଶର ଚାରୋଟି ରାଜ୍ୟ ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଜେପି ପ୍ରତି ଅଭୂତପୂର୍ବ ଜନାଦେଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଥିବା ଅଗାଢ ବିଶ୍ୱାସର ପ୍ରମାଣ ବୋଲି ବୋଲି ଟ୍ୱିଟ୍ କରି କହିଛନ୍ତି ଉତର ପ୍ରଦେଶ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଶେଷ ଭାବରେ ମାତୃଶକ୍ତି ଓ କାର୍ଯ୍ୟକର୍ତ୍ତାଙ୍କୁ ଏହି ବିପୁଳ ବିଜୟ ପାଇଁ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି, ମାଆ ଭଉଣୀମାନେ ସ୍ପଷ୍ଟ ମତ ଦେଇ ନୂଆ ଭାରତ ଜନକଲ୍ୟାଣ, ଜନଭାଗିଦାରୀ, ସ୍ୱଚ୍ଛ ଶାସନ ଏବଂ ପ୍ରଗତିଶୀଳ ରାଜନୀତିକୁ ସମର୍ଥନ କରିଛନ୍ତି । ଚାରୋଟି ରାଜ୍ୟରେ ବିପୁଳ ଜନସମର୍ଥନ ସ୍ପଷ୍ଟ କରୁଛି ଭାରତରେ ଜନକଲ୍ୟାଣ, ବିକାଶ ଏବଂ ସୁଶାସନର ରାଜନୀତିର କୌଣସି ବିକଳ୍ପ ନାହିଁ। ଏହି ଅଭୂତପୂର୍ବ ବିଜୟ ଦେଶରେ ବିଜେପି ସମର୍ଥନରେ ଥିବା ଜନାଦେଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଥିବା ବିଶ୍ୱାସକୁ ପ୍ରମାଣିତ କରୁଛି । ଉତରପ୍ରଦେଶ, ଉତରାଖଣ୍ଡ, ମଣିପୁର ଏବଂ ଗୋଆର ଜନତା ବିଜେପିକୁ ଯେଉଁ ଆଶୀର୍ବାଦ ଦେଇଛନ୍ତି, ଏହା ସ୍ପଷ୍ଟ କରୁଛି ଭୋଟରମାନେ ସେମାନଙ୍କୁ ସମର୍ଥନ କରନ୍ତି ଯେଉଁମାନେ ପ୍ରତିଶ୍ରୁତିକୁ ପାଳନ କରନ୍ତି। ଏହି ଜନାଦେଶରୁ ଯେଉଁ ପାର୍ଟି ବଂଶବାଦ, ତୁଷ୍ଟିକରଣ ଓ ଜାତିବାଦକୁ ନେଇ ରାଜନୀତି କରନ୍ତି ସେମାନଙ୍କ ପାଇଁ ସ୍ଥାନ ନାହିଁ ବୋଲି ▶▶ପୃଷ୍ଠା ୭

# କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ରାହୁଲ ଗାନ୍ଧିଙ୍କ ବୟାନ



ନୂଆଦିଲ୍ଲୀ, ୧୦/୦୩ : ଉତ୍ତର ପ୍ରଦେଶ ଠାରୁ ଆରମ୍ଭ କରି ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁର ବିଧାନସଭା ନିର୍ବାଚନରେ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଏପରି କି ଦଳ ପୂର୍ବରୁ ପଞ୍ଜାବରେ କ୍ଷମତାରେ ଥିବା ବେଳେ ଏବେ ସେଠାରେ ଗାଦିଚ୍ୟୁତ ହୋଇଛି। ଗୋଆରେ କଂଗ୍ରେସ ସରକାର ଗଠନ କରିବ ବୋଲି ଆଶା କରିଥିଲା। ହେଲେ ବିଜେପି ୧୮ଟି ଆସନ ଜିତିବା ସହ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ହାସଲ କରିଛି। ତେଣୁ ଏଠାରେ ବିଜେପି ମ୍ୟାଜିକ ନମ୍ବର ୨୧କୁ ବେଶ ଆରାମରେ ହାସଲ କରିନେବ। ଉତ୍ତର ପ୍ରଦେଶରେ ଦଳ ଡବଲ ଡିଜିଟ ଆସନ ଜିତିବାକୁ ସକ୍ଷମ ହୋଇନାହିଁ। ପଞ୍ଜାବରେ ଦଳର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମୁଖ୍ୟ ବି ନିର୍ବାଚନ ହାରିଛନ୍ତି। ଏପରି ନୈରାଶ୍ୟଜନକ ପ୍ରଦର୍ଶନ ପରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିଜର ପ୍ରତିକ୍ରିୟା ରଖିଛନ୍ତି। କଂଗ୍ରେସ ବିରୋଧରେ ଜନମତ ଯାଇଥିବା ସେ ସ୍ୱୀକାର କରି ଟ୍ୱିଟ କରିଛନ୍ତି। ସେ କହିଛନ୍ତି, "ବେଶ ଆଦରର ସହ ଲୋକଙ୍କ ମତକୁ ଆମେ ଗ୍ରହଣ କରୁଛୁ। ଜନାଦେଶ ହାସଲ କରି ବିଜୟୀ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା। କଂଗ୍ରେସର ସମସ୍ତ କର୍ମୀ ଓ ନେତାଙ୍କୁ ସେମାନଙ୍କ କଠିନ ପରିଶ୍ରମ ପାଇଁ କୃତଜ୍ଞତା ଜଣାଉଛି। ଆମେ ଏହି ଘଟଣାରୁ ଅନେକ କିଛି ଶିଖିବୁ ଓ ଭାରତର ଲୋକଙ୍କ ସ୍ୱାର୍ଥ ପାଇଁ ସବୁବେଳେ କାମ କରି ଚାଲିବୁ।" ରାହୁଲଙ୍କ ଏହି ଟ୍ୱିଟ ପରେ କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲ ମଧ ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି ପରାଜୟ ସ୍ୱୀକାର କରିଛନ୍ତି।

# ଆଜି ନାୟବ୍ ସରପଂଚ ନିର୍ବାଚନ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ରାଜ୍ୟର ସମସ୍ତ ପଂଚାୟତରେ ଆସନ୍ତାକାଲି ନାଏବ ସରପଂଚ ପଦବୀ ଓ ୧୨ତାରିଖରେ ପଂଚାୟତ ସମିତି ଅଧ୍ୟକ୍ଷ ପଦବୀ ନିମନ୍ତେ ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୧୩ତାରିଖରେ ସମସ୍ତ ଜିଲ୍ଲା ପରିଷଦ ସଭାପତି ପାଇଁ ମଧ ପରୋକ୍ଷ ନିର୍ବାଚନ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ନାଏବ ସରପଂଚ ପଦବୀ ପାଇଁ ଆସନ୍ତାକାଲି ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସାଢ଼େ ୧୧ଟାରେ ନାମାଙ୍କନ ପତ୍ର ଯାଂଚ ଓ ୧୨ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ହୋଇପାରିବ। ଆସନ୍ତାକାଲି ୧୨ଟାରୁ ୧ଟା ପର୍ଯ୍ୟନ୍ତ ନାଏବ ସରପଂଚ ପାଇଁ ଭୋଟ୍ ଗ୍ରହଣ କରାଯାଇ ତା'ପରେ ସଙ୍ଗେସଙ୍ଗେ ଫଳାଫଳ ଘୋଷଣା କରିବାକୁ ସବୁ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୧୨ତାରିଖରେ ସମସ୍ତ ପଂଚାୟତ ସମିତିର ଅଧ୍ୟକ୍ଷ ପଦବୀ ପାଇଁ ପରୋକ୍ଷ ନିର୍ବାଚନ ହେବ। ପଂଚାୟତ ସମିତିକୁ ଦଖଲ କରିବା ପାଇଁ ଛକାପଞ୍ଝା ଲାଗିଥିବାବେଳେ ସ୍ଥାନୀୟ ନେତାମାନେ ନିଜ ସମର୍ଥିତ ନିର୍ବାଚିତ ସମିତି ସଭ୍ୟମାନଙ୍କୁ ନେଇ ଅନ୍ୟତ୍ର ଗୋପନୀୟ ସ୍ଥାନରେ ରଖି ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି । ସେହିପରି ୧୩ତାରିଖରେ ସମସ୍ତ ଜିଲ୍ଲା ପରିଷଦ ସଭାପତି ପଦବୀ ପାଇଁ ପରୋକ୍ଷ ନିର୍ବାଚନ ହେବ । ଜିଲ୍ଲା ପରିଷଦ ▶▶ପୃଷ୍ଠା ୭

# ଆର୍ଥିକ ଦୁର୍ବଳ ଗରିବ ମହିଳାଙ୍କୁ ମାଗଣା ବିୟୁଟି ସେଲୁନ୍ ତାଲିମ୍ ଦେବେ ସ୍ନିଗ୍ଧା ପାଢ଼ୀ

ବଲାଙ୍ଗିର,୧୦/୦୩ (ନି.ପ୍ର): ଟିଟିଲାଗଡ଼ ସହର ସ୍ଥିତ ରଘୁନାଥ ପଡ଼ାରେ କରିଥିବା ଗ୍ଲାମର ଷ୍ଟୁଡିଓ ଲେଡ଼ିଜ ସେଲୁନ ଓ ଏକାଡେମୀର ମୁଖ୍ୟ କୁମାରୀ ସ୍ନିଗ୍ଧା ପାଢ଼ୀ ଆଗକୁ ଗରିବ, ମେଧାବୀ ତଥା ଆର୍ଥିକ ଅନାଗ୍ରସର ପରିବାରର ମହିଳା ମାନଙ୍କୁ ବିନା ଅର୍ଥରେ ମାଗଣାରେ ତାଲିମ ଦେବାକୁ ନିଷ୍ପତି ନେଇଛନ୍ତି । ତାଙ୍କର ଏହି ନିଷ୍ପତିକୁ ସ୍ନିଗ୍ଧା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ପରେ ଅନେକ ବ୍ୟକ୍ତି ତାଙ୍କ ଏହି ମହତ୍ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି । ସ୍ନିଗ୍ଧାଙ୍କ କହିବା କଥା ଯେ, ଯେତେବେଳେ ସେ ପ୍ରଥମ ଥର ପାଇଁ ସୌନ୍ଦ୍ରୟ୍ୟା ସଲୋନ ସେଣ୍ଟର ଖୋଲିଥିଲେ ସେହି ସମୟରେ ଅନେକ ପ୍ରତିଭାବାନ ଛାତ୍ରୀ ମାନେ ଆର୍ଥିକ ଅଭାବ ଯୋଗୁଁ ଅଧବାଟରେ ନିଜ ଶିକ୍ଷା ଛାଡି ଦେଇଥିଲେ । ଆଜିର ସମାଜରେ ଲୋକେ ମଡେଲିଙ୍ଗ ଆଡକୁ ଢଳୁଥିବା ବେଳେ ଲୋକେ ଚାକଚକ୍ୟକୁ ବେଶ୍ ପ୍ରାଧାନ୍ୟ ଦେବାରେ ଲାଗିଛନ୍ତି । ବର୍ତମାନ ବ୍ୟୁଟି ସେଲୁନ ଏକାଡେମୀ ରୋଜଗାରର ଏକ ମାଧମ ମଧ ପାଲଟି ଯାଇଛି । ଏଣୁ ସ୍ନିଗ୍ଧା ପାଢ଼ୀ ଗରିବ ଓ ମେଧାବୀ ମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେବା ସହ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗର ହାତ ବଢ଼େଇବେ ବୋଲି ଦୃଢ଼ ନିଷ୍ପତି ନେଇଛନ୍ତି । ଯେଉଁମାନେ ଏହି ଶିକ୍ଷାକୁ ନେଇ ଏକ ଉଜ୍ଜଳମୟ ଭବିଷ୍ୟତ ଗଠନ କରିବାକୁ ଯୋଜନା ରଖିଛନ୍ତି ବା ଜୀବନଜୀବିକା ପାଇଁ ରୋଜଗାରର ପନ୍ଥା ଭାବରେ ବାଛିନେବେ ସେମାନଙ୍କୁ ସମସ୍ତ ପ୍ରକାର ବୈଷୟିକ ଶିକ୍ଷା, ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ସେ ଆଗେଇ ଆସିଛନ୍ତି । ମହିଳା ମାନେ ଏନେଇ ତାଙ୍କୁ ତାଙ୍କ ରଘୁନାଥ ପଡା ସ୍ଥିତ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ସେ ବିନତି କରିଛନ୍ତି । ଦୀର୍ଘ ବର୍ଷ ଧରି ବ୍ୟୁଟି ଇଣ୍ଡଷ୍ଟ୍ରିରେ କାମ କରୁଥିବା ସ୍ନିଗ୍ଧା ପାଢ଼ୀ, ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ନିଜ କାମକୁ ନେଇ ସମ୍ମାନିତ ହେବା ସହ ଅନେକ ସଫଳତା ଲାଭ କରିଛନ୍ତି । ତେବେ ସେ ଗରିବ ତଥା ଆର୍ଥିକ ଅନଗ୍ରସର ମହିଳା ମାନଙ୍କ ପାଇଁ କିଛି କରିବାର ନିଶା ନେଇ ଏବେ ପଦାକୁ ଗୋଡ଼ କାଢ଼ିଛନ୍ତି । କେବଳ ଏତିକି ନୁହେଁ ସେ ତାଙ୍କର ରୋଜଗାରରୁ ୨୦ ପ୍ରତିଶତ ମଧ ଗରିବ ମେଧାବୀ ଛାତ୍ରୀ ମାନଙ୍କ ପାଇଁ ବିନିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି । ତାଙ୍କର ଏହି ସେବା ମନୋଭାବକୁ ନେଇ ଏବେ ସେ ବେଶ୍ ପ୍ରଶଂସାର ପାତ୍ର ସାଜିଛନ୍ତି । ସେ ଗ୍ରାଜୁଏଟ ହେବାପରେ ସୁଇଜରଲ୍ୟାଣ୍ଡର ୟେକ ୟୁନିଭର୍ସିଟୀର ପୁନେ ସ୍ଥିତ ଏଲଟୀୟେ ଏକାଡେମୀରେ ସିଦେଷ୍କୋ ଡିପ୍ଲୋମା କୋର୍ସ କରିଥିଲେ । ଉଭୟ ଅନଲାଇନ ଏବଂ ଅଫଲାଇନ ଟ୍ରେନିଙ୍ଗରେ ରାଜ୍ୟ ଏବଂ ଦେଶର ଅନେକ ସ୍ଥାନରୁ ଛାତ୍ର ଛାତ୍ରୀ ପ୍ରଶିକ୍ଷଣ ନେଇ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି ।

## ଶ୍ରୀ ଲକ୍ଷ୍ମୀନାରାୟଣ ସତସଂଘର ଭାଗବତ ସପ୍ତାହ

ପୁରୀ,୧୦/୦୩ (ନି.ପ୍ର): ଶ୍ରୀ ଲକ୍ଷ୍ମୀନାରାୟଣ ସତସଂଘ ସିଂହଦ୍ୱାର ପକ୍ଷରୁ ପାତ୍ର ସାହି ଝାଞ୍ଜପିଟା ମଠ ପରିସରରେ ୫୨ତମ ଭାଗବତ ସପ୍ତାହ ପାଳିତ ହୋଇଯାଇଛି । ବିଶ୍ୱର କଲ୍ୟାଣ, ଆଧାତ୍ମିକ ଚେତନାର ବିକାଶ ଓ ଆତ୍ମାର ଅଗ୍ରଗତି ସମ୍ପର୍କରେ ଚେତନା ସୃଷ୍ଟି ପାଇଁ ଅତିବଡ଼ୀଙ୍କ ଓଡ଼ିଆ ଭାଗବତ ପାଠ କରାଯାଇଥିଲା । ମାର୍ଚ୍ଚ ୭ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ପାରାୟଣ ଅନୁଷ୍ଠିତ ହେଉଛି । ପ୍ରଥମ ଦିବସ ଅବସରରେ ସାନମଠର ମହନ୍ତ ମହାରାଜ ଡ଼କ୍ଟର ବୈଷ୍ଣବ ଚରଣ ଦାସ ଭାଗବତ ମାହାତ୍ମ୍ୟ ସଂପର୍କରେ ଆର୍ଶିବଚନ ପ୍ରଦାନ କରିଥିଲେ ।

## ଡକ୍ଟରସ୍ ଫୋରମର ମାସିକ ବୈଠକ

ଗଞ୍ଜାମ,୧୦/୦୩ (ନି.ପ୍ର): ସ୍ଥାନୀୟ ଗୋଲାପଲ୍ଲୀ ସାହି ସ୍ଥିତ ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ କ୍ଲିନିକ୍ ସଭା ଗୃହରେ ଡକ୍ଟର୍ସ ଫୋରମ୍ ର ମାସିକ ବୈଠକ ଏବଂ ସ୍ୱାସ୍ଥ୍ୟ ଆଲୋଚନାଚକ୍ର ସଭାପତି ଡ଼ା ଶଙ୍କର୍ଷଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ମୁଖ୍ୟବକ୍ତା ବରିଷ୍ଠ ଭେଷଜ ଓ ମଧୁମେହ ବିଶେଷଜ୍ଞ ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସମ୍ପାଦକ ଡ଼ା. ଅତୁଲ୍ୟ କୁମାର ପଟ୍ଟନାୟକ ବିଗତ ମାସରେ ଫୋରମ୍ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆଜିର ଆଲୋଚନାର ବିଷୟରେ ମୁଖ୍ୟବକ୍ତା ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ର ନିଜର ଦୀର୍ଘ ଦିନର ଅଭିଜ୍ଞତା ସହ ବୈଜ୍ଞାନିକ ଆଧାରିତ ଓ ବିଭିନ୍ନ ଯୁକ୍ତି ସହ ମଧୁମେହ ନିରାକରଣ ପାଇଁ ସ୍ଲାଇଡ୍ ମାଧ୍ୟମରେ ଆଲୋଚନା କରିଥିଲେ । ଆଲୋଚନାରେ ଫୋରମ୍ ର ସମସ୍ତ ସଦସ୍ୟ ଭାଗ ନେଇଥିଲେ । ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଦୀର୍ଘ ଦିନର ଭ୍ରମଣ କାହାଣୀ ଉପରେ ଲିଖିତ ପୁସ୍ତକ 'ଆମେରିକା ଓ କାନାଡା ଭ୍ରମଣର ଦିନଲିପି'କୁ ସଭାପତି ଡ଼ା. ସଙ୍କର୍ଷଣ ପାତ୍ରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ମାସରେ ଜନ୍ମିତ ସଭ୍ୟ ପ୍ରଫେସର୍ କେ.ଟି. ସୁବୁଦ୍ଧି, ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ସିଦ୍ଧନାଥ କର, ଡ଼ା. ରାମକୃଷ୍ଣନ ମହାରଣା, ଡ଼ା. ରାମ ସରନ୍ ପାଲଙ୍କୁ ଜନ୍ମଦିନର ଶୁଭେଚ୍ଛା ସହ ଦୀର୍ଘଜବନ କାମନା କରାଯାଇଥିଲା । ଉକ୍ତ ବୈଠକରେ ଡିପିପିଏମ ସଂଯୋଜକ ସୁଧୀର କାନ୍ତ ବେହେରା ସରକାରଙ୍କ ପ୍ରୋତ୍ସାହନରେ ହେଉଥିବା ଯକ୍ଷ୍ମା ରୋଗ ନିରାକରଣ କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ଡକ୍ଟର କିପରି ଭାବେ ଭାଗନେଇପରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ କୋଷାଧକ୍ଷ ଡ଼ା. ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୋରମ୍ ର ସଭ୍ୟ ପ୍ରଫେସର ଜୟକୃଷ୍ଣନ ପଟ୍ଟନାୟକ, ଡ଼ା. ହୃଷୀକେଶ ମହାନ୍ତି, ଡ଼ା. ରାମଚନ୍ଦ୍ର ରଥ, ଡ଼ା. ସିଦ୍ଧନାଥ କର, ଡ଼ା ସୁକାନ୍ତ ଶତପଥୀ, ଡ଼ା. ବିଜୟ ସୁବୁଦ୍ଧି, ଡ଼ା. ଗାନ୍ଧୀ ଚୌଧୁରୀ, ଡ଼ା. କିରଣ ପାଣିଗ୍ରାହୀ, ଡ଼ା. ରବୀନ୍ଦ୍ର ଗନ୍ତାୟତ, ଡ଼ା. ରମାକୃଷ୍ଣନ ସାହୁ, ଡ଼ା. ସେବା ମହାନ୍ତି, ଡ଼ା. ଲିଲିମା ଦାସ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଖୁ ବୋଝେଇ ଟ୍ରକ୍ ଓଲଟିଲା : ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ଧର୍ମଶାଳା,୧୦/୦୩ (ନି.ପ୍ର): ରାସ୍ତା କଡକୁ ଓଲଟିଲା ଆଖୁ ବୋଝେଇ ଟ୍ରକ୍ । ଫଳରେ ଗାଡିରେ ଥିବା ଡ୍ରାଇଭର ଓ ଖଲାସି ଅଳ୍ପକେ ବର୍ତି ଯାଇଥିବା ଜଣାପଡିଛି । ତେବେ ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କାଏମା-ଜାରକା ମୁଖ୍ୟ ରାସ୍ତା ଅଚ୍ୟୁତପୁର ଛକ ନିକଟରେ । ସୂଚନା ମୁତାବକ, ଆଜି ଅପରାହ୍ନରେ ଏକ ଆଖୁ ବୋଝେଇ ଟ୍ରକ୍ ନଂ (ଓଆର୦୪ଏମ୫୭୮୬) ଯାଜପୁର ଜିଲା ଧର୍ମଶାଳା ଥାନା କାଏମା-ଜାରକା ମୁଖ୍ୟ ରାସ୍ତାକୁ ଆସୁଥିଲା । ତେବେ ଗ୍ରାମ୍ୟ ରାସ୍ତା ଦେଇ ଏହି ମୁଖ୍ୟ ରାସ୍ତାକୁ ଆସୁଥିବା ସମୟରେ ଅଚ୍ୟୁତପୁର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଗାଡି ଭିତରେ ଥିବା ଚାଳକ ଓ ଖଲାସି ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଥିବାବେଳେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ସେମାନଙ୍କୁ ଚିକିତ୍ସା ନିମନ୍ତେ ଧର୍ମଶାଳା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡିଛି ।

## ପିତାମ୍ବରଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୦/୦୩ (ନି.ପ୍ର): ବାସୁଦେବପୁର ପୌରପାଳିକା ର ସାତ ନମ୍ବର ୱାର୍ଡ ର କାଉନସିଲର ପିତାମ୍ବର ପାତ୍ର ଭାରତୀୟ ଜନତା ପାର୍ଟି ରେ ନିର୍ବାଚନ ରେ ଛିଡ଼ା ହୋଇଛନ୍ତି ଓ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ତାଙ୍କର ପତ୍ନୀ ପ୍ରିୟଙ୍କା ଓ ପରିବାର ବର୍ଗ, ସାଙ୍ଗ ସାଥି ସମସ୍ତ ଙ୍କ ସହଯୋଗ ଓ ଭୋଟର ଭାଇ ଭଉଣୀ ଙ୍କ ସମର୍ଥନ ତାଙ୍କୁ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇଦେଇଛି । ଏହି ନିର୍ବାଚନ ରେ ପିତାମ୍ବର ବିଜୟ ଲାଭ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି ।

# ବିଜୁଳିକାଟ ସମସ୍ୟା ଯୋଗୁଁ ହଷ୍ଟେଲ ଛାଡ଼ିଲେ କ୍ରୀଡ଼ାଛାତ୍ର

ମାଲକାନଗିରି,୧୦/୦୩ (ନି.ପ୍ର): ବିଜୁଳି ନଥିବାରୁ ହଷ୍ଟେଲ ଛାଡିଲେ କ୍ରୀଡ଼ାଛାତ୍ର । ମାଲକାନଗିରି ଜିଲ୍ଲାର କ୍ରୀଡ଼ାଛାତ୍ରାବାସରେ ବିଜୁଳିକାଟ ସମସ୍ୟା ଦେଖିବାକୁ ମିଳିଛି । ବିଜୁଳି ବିଲ୍ ବାକି ଥିବା ଦର୍ଶାଇ ଦୀର୍ଘ ୧୦ ଦିନ ହେଲା ଟାଟା ପାୱାର ପକ୍ଷରୁ ବିଜୁଳି କାଟ କରାଯାଇଛି । ଯାହା ଫଳରେ ଛାତ୍ରାବାସରେ ରହୁଥିବା ଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ହଷ୍ଟେଲ ଛାଡ଼ିଛନ୍ତି । ମାଲକାନଗିରି ଜିଲ୍ଲାରେ ରହିଛି ଏକମାତ୍ର କ୍ରୀଡ଼ାବାସ । ଦୀର୍ଘ ୧୦ ଦିନ ହେବ ଟାଟା ପାୱାର ପକ୍ଷରୁ ବିଜୁଳି କାଟ ହୋଇଥିବାରୁ ଦଶମ ଶ୍ରେଣୀ ଛାତ୍ରମାନଙ୍କ ପାଠ ପଢ଼ାରେ ସମସ୍ୟା ଉପୁଜିଛି । ତେଣୁ ବାଧ ହୋଇ ସେମାନେ ହଷ୍ଟେଲ ଛାଡି ନିଜ ନିଜ ଘରକୁ ପଳାଇଛନ୍ତି । ଅନ୍ୟପଟେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଛାତ୍ରମାନଙ୍କୁ ବୁଝାଇ ହଷ୍ଟେଲକୁ ଫେରାଇ ନେବାରେ ଅସଫଳ ହୋଇଛନ୍ତି । ୨୦୧୨ ମସିହା ଠାରୁ ଆଜି ପର୍ଯ୍ୟନ୍ତ ବିଜୁଳି ବିଲ୍ ପୈଠ କରାଯାଇନଥିବା ବିଦ୍ୟୁତ ବିଭାଗ ପକ୍ଷରୁ ଅଭିଯୋଗ ରହିଛି । ତେବେ କିଛିମାସ ତଳେ ୧୯ ଲକ୍ଷ ୭୫ ହଜାର ଟଙ୍କାର ବିଲ୍ ପୈଠ କରାଯାଇଥିବାବେଳେ ଆଉ ୩୦ ଲକ୍ଷ ଟଙ୍କାର ବିଜୁଳି ବିଲ୍ ବାକି ରହିଥିବା ଜଣାପଡ଼ିଛି । ଏହି ଟଙ୍କା ପୈଠ ନକରିବା କାରଣରୁ ବିଜୁଳି କଟାଯାଇଥିବା ନେଇ ଜିଲ୍ଲା କ୍ରୀଡ଼ା ଅଧିକାରୀ କହିଛନ୍ତି ।

# ଜୟପୁରରେ ଝାମିଯାତ୍ରା : ଉତ୍ସବ ମୁଖର ସହର

ଜୟପୁର ,୧୦/୦୩ (ନି.ପ୍ର): ଜୟପୁର ବାଙ୍କମଠ ନିକଟରେ ଝାମିଯାତ୍ରା ଅନୁଷ୍ଠିତ ହୋଇଛି । ଏନେଇ ସାରା ସହର ଉତ୍ସବ ମୁଖର । ଝାମି ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ । ଶିବରାତ୍ରଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି । ଶିବରାତ୍ର ଦିନ ଶିବ ମନ୍ଦିରରେ ଏକ ପୂଜା କରାଯାଇଥାଏ । ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦି ଲଗାଯାଇ ସାଜସଜ୍ୟା କରାଯାଇଥାଏ ଏବଂ ଏକ ଶୋଭାଯାତ୍ରାରେ ବାଜା ବଜାଇ ସହରପରିକ୍ରମା କରାଯାଇ ଥାଏ । ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ମାରାତ୍ମକ ରୋଗରୁ ମିକ୍ତି ପାଇବା ପାଇଁ ରାଜ ରାଜୁଡା ଅମଳରୁ ଜୟପୁର ରେ ପାଳିତ ହୋଇଆସୁଛି ଝାମିଯାତ୍ର । ଶିବ ରାତ୍ର ପରେ ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ବୁଧବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠ ଠାରେ ଅସ୍ଥାୟୀ ରୁପେ ଏକ ମଣ୍ଡପ କରାଯାଇ ପୁଜାକରାଯାଇଛି । ଶିବରାତ୍ର ରେ ମାହାଦେବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ ପୁଜକ ପରିବାର ବାଜା ଓ ଫୁଲ ଚାଙ୍ଗୁଡି ଧରି ସହରର ସାହି ସାହି ଘରେ ହଳଦୀ ଓ ନିମ୍ବପତ୍ର ଭଗବାନଙ୍କ ଆଶୀର୍ବାଦ ଭାବେ ବାଂଟିଥାନ୍ତି । ଏହାକୁ ମୁଣ୍ଡରେ ଟିକା ଭାବେ ମଧ ନିଅନ୍ତି । ଏହା ଦ୍ୱାରା ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ପ୍ରତିବଦଳରେ ଭକ୍ତ ମାନେ ଚାଉଳ, ପନି ପରିବା ଓ କିଛି ଟଙ୍କା ସେହି ଚାଙ୍ଗୁଡିରେ ଦେଇଥାନ୍ତି । ମାନସିକ ରଖି ଭକ୍ତ ମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି । ରାଜରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି । ଏହି ପୂଜା ଦଶଦିନ ଧରି ଚାଲିଥାଏ । ମହା ଶିବରାତ୍ର ପରଠାରୁ ୧୦ ଦିନରେ ହୋଇଥାଏ ଝାମି ଯାତ୍ରା । ଏହି ଯାତ୍ରା ଜୟପୁରରେ ରଜା ରାଜୁଡା କାଳରୁ ଆରମ୍ଭ ହୋଇଥିବା ବେଳେ ଏବେବି ଲୋକଙ୍କ ପ୍ରବଳ ଭିଡ ଦେଖାଦିଏ ଯାତ୍ରା ଦିନ । ଉକ୍ତ ବଜାରେ ଥାଏ ଏକ ସ୍ୱତନ୍ତ୍ର ତାଳ ଯାହାକି ବାଜିବା ଶୁଣିବା ମାତ୍ରେ ସାହିର ଲୋକମାନେ ଜାଣିଯାଆନ୍ତି ଝାମି ଦେବୀଙ୍କ ଆଗମନ ଏଥିସହ ଥାଳିରେ ଚାଉଳ, ଟଙ୍କା, ହଳଦି, ଫଳ ନେଇ ଦାନ ଚାଙ୍ଗୁଡିରେ ପକାଇଥାନ୍ତି । ପୁଣି ଯାହା ବଳକା ହୋଇଥାଏ ନବମି ଦିନ ପୂଜା ପାଇଁ ରଖାଯାଏ । ଏହି ପୂଜା ପାଇଁ ବିଶେଷ କରି ତେଲୁଗୁ ସମ୍ପ୍ରଦାୟର ଲୋକ ଆସୁଥିବା ବେଳେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ଭିଡ ମଧ ଜମିଥାଏ । ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ସହ ବହୁ ସ୍ଥାନରୁ ଭକ୍ତ ମାନେ ଏହି ଯାତ୍ରା ଦେଖିବାକୁ ଆସନ୍ତି । ହାତରେ ନଡିଆ , କଦଳୀ, ଫୁଲ ସହ ଝାମି ଦେବିଙ୍କ ପାଖରେ ମନାସିକ ଥିବା ଲୋକମାନେ ନିଜ ଇଛାରେ ବହୁ ଉପହାର ମଧ ସେଠାରେ ଦାନ କରିଥାନ୍ତି । ପରମ୍ପାରା ଅନୁଯାଇ ଏହି ଯାତ୍ରା ରେ ଆଦିବାସୀ ମାନେ ମୁହା, ରାଶି ଖଜା, ସକରା ଆଦି ବିକ୍ରି ପାଇ ପସରା ମେଲାଇ ଥିବା ଲକ୍ଷ୍ୟ କରାଯାଇଛି ।

# ଶ୍ରୀଜଗନ୍ନାଥ ମହୋତ୍ସବ ଓ ସଂକୀର୍ତ୍ତନ ଉତ୍ସବ

ବାସୁଦେବପୁର,୧୦/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡ଼ତାଳ ପାବନ କ୍ଷେତ୍ର ପରିସରରେ ଶ୍ରୀଜଗନ୍ନାଥ ମହୋତ୍ସବ ଓ ସଂକୀର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରି ଥିଲେ ଓଡ଼ିଶାର ମହାମହିମ ରାଜ୍ୟ ପାଳ ପ୍ରଫେସର ଗଣେଶୀ ଲାଲ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି , ସାହିତ୍ୟ, ଶିକ୍ଷା ଓ ପରମ୍ପରା ସମ୍ପର୍କରେ ରାଜ୍ୟପାଳ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ଦୟାନିଧି ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ପଣ୍ଡିତ ଦୟାନିଧି ଦାଶ ସଭା ପରିଚାଳନା କରିଥିଲେ । ଏହି ଉତ୍ସବ ରେ ସାହିତ୍ୟିକ ପିତାମ୍ବର ମିଶ୍ର,ଲୁଙ୍ଗା ବିକାଶ ପରିଷଦ ର ସଭାପତି ଦେବ ଦର୍ଶନ ଦାଶ, ବରିଷ୍ଠ ନେତା ଭାଗିରଥି ବଳ,ସୁରେଶ ଚନ୍ଦ୍ର ମହାନ୍ତି,



ଶିଳ୍ପପତି ମହେଶ ଦାସ,ଆଡଭୋକେଟ ସ୍ମୃତି ରଂଜନ ପଳିତା ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ଜନ ସାଧାରଣ ଏହି ଉତ୍ସବ ରେ ମହାପ୍ରସାଦ ସେବନ କରିଥିଲେ ।

# ବୈଜ୍ଞାନିକ ପ୍ରଣାଳୀରେ ଫସଲ ଉପରେ ଆଲୋଚନା ଚକ୍ର

ଜୟପୁର ,୧୦/୦୩ (ନି.ପ୍ର): ବୈଜ୍ଞାନିକ ପ୍ରଣାଳୀରେ ଫସଲ ଅମଳ ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ଋତୁରାଜ କଲ୍ୟାଣ ମଣ୍ଡପରେ ଇଫକୋ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ସୋରେନ ଯୋଗ ଦେଇ କୃଷି ଅଗ୍ରଗତି ପାଇଁ ସଠିକ ରୋଗ ପୋକ ନିୟନ୍ତ୍ରଣ, ଜୈବ ପଦ୍ଧତି, ବିହନ ବିଶୋଧନ ଉପରେ କହିଥିବା ବେଳେ ଜିଲ୍ଲା ମୃତିକା ରସାୟନବିତ ଜି ଭି ରେଡ଼ି ଯୋଗଦେଇ ମୃତିକା ସଂରକ୍ଷଣ ଉପରେ କହିଥିଲେ । ନାବାର୍ଡ ଡିଡିଏମ ଏମ ଏମ ବେହେରା ଯୋଗ ଦେଇ ଚାଷୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିବା ବେଳେ ଓଡ଼ିଶା କୃଷି ଶିଳ୍ପ ନିଗମଲିର ଜିଲ୍ଲା ପ୍ରବନ୍ଧକ ଆଶିଷ କୁମାର ସିଂ ରାଜ୍ୟ ସରକାରଙ୍କ ଯୋଜନା କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ କ୍ଷେତ୍ର ପ୍ରବନ୍ଧକ ସୁବାଷ ଚନ୍ଦ୍ର ଜେନା ଯୋଗଦେଇ ନାନୋ ୟୁରିଆ ସହ ଇଫକୋର ବିଭିନ୍ନ ଉତ୍ପାଦ ଉପରେ ଉପସ୍ଥିତ ୩୦୦ରୁ ଅଧିକ ଚାଷୀଙ୍କୁ ବୁଝାଇଥିଲେ ।ନାନୋ ବ୍ୟବହାର ଫଳରେ ପାରମ୍ପରିକ ୟୁରିଆ ବ୍ୟବହାର କମ ହେବ, ପରିବେଶ ଏବଂ ମୃତିକା ସୁସ୍ଥ ରହିବ ବୋଲି ଶ୍ରୀ ଜେନା କହିଥିଲେ । ଏଥିରେ କ୍ଷେତ୍ର ଅଧିକାରୀ ବିଶ୍ୱ ରଂଜନ ଜୟ ସିଂ, ହର୍ଷ ଟ୍ରଷ୍ଟ ସଂଯୋଜକ ପ୍ରବୀଣ ତ୍ରିପାଠୀ, ଆଇ ପି ଏଲ କ୍ଷେତ୍ର ଅଧିକାରୀ ଚିରଂଜିବି ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ପାଟେନେଶ୍ୱରୀ କୃଷି ସମବାୟ ସମିତି ସହଯୋଗ କରିଥିଲେ ।

# ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ପକ୍ଷରୁ ମହିଳା ଦିବସ ପାଳିତ

ପୁରୀ,୧୦/୦୩ (ନି.ପ୍ର): ମଶାଣୀ ଚଣ୍ଡୀ ସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର -୨ ଓ ଏମ.ଆର.ଏଫ -୨ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ମହିଳା ସ୍ୱଚ୍ଛ ସୈନିକମାନଙ୍କୁ ବନ୍ଦାପନା କରାଯାଇଥିଲା । ସ୍ୱଚ୍ଛ ସୁପରଭାଇଜର ମାନସୀ ଦେଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମହିଳାମାନଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ପରିମଳ ବିଶେଷଜ୍ଞ ବିଷ୍ଣୁପ୍ରସାଦ ମିଶ୍ର ଯୋଗଦେଇ କହିଲେ ମହିଳାଙ୍କ ତ୍ୟାଗ ସର୍ବଶ୍ରେଷ୍ଠ । ପରିବାରକୁ ଶିକ୍ଷିତ କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହିଳାମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ । ସମ୍ମାନିତ ଅତିଥି ଭାବେ ଫିଡ଼୍ ବ୍ୟାକ୍ ଫାଉଣ୍ଡେସନର ମୁଖ୍ୟ ଭରତକାନ୍ତ ଦ୍ୱିବେଦୀ ଯୋଗଦେଇ ସମାଜରେ ମହିଳାମାନଙ୍କ ଆର୍ଥିକ ସମୃଦ୍ଧି,ନାରୀ ସୁରକ୍ଷା ଓ ମର୍ଯ୍ୟାଦା ଆସିପାରିଲେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସଶକ୍ତ ରାଷ୍ଟ୍ରଗଠନ ସମ୍ଭବପର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପରିମଳ ବିଶେଷଜ୍ଞ ରିଷଭ ଦାଶ ଯୋଗଦେଇ କହିଲେ ଯେ ପୁରୀ ମ୍ୟୁନିସିପାଲିଟି ସଦାସର୍ବଦା ମହିଳାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଅଗ୍ରାଧିକାର ଦେବା ସହ ରୋଜଗାରକ୍ଷମ କରିପାରିଛି ଏବଂ ମହିଳା ଦିବସ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫିଡ଼୍ବ୍ୟାକ ଫାଉଣ୍ଡେସନର କୃଷ୍ଣଚନ୍ଦ୍ର ସାହୁ, ପ୍ରିୟବ୍ରତ ମିଶ୍ର, ଶିବ ମହାପାତ୍ର , ଭବାନି ଶଙ୍କର ପଲେଇ ,ଅନୁଜ କୁମାର ବେହେରା,ସିଡ଼ି-୭ର ଏସ.ଆଇ ହରିହର ପ୍ରଧାନ, ଏ.ଏସ.ଆଇ ଶତ୍ରୁଘ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ସିଡ଼ି ୭ର ଅଧିକାରୀ ବିଭୁତି ଭୂଷଣ ରାୟ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱଚ୍ଛସାଥୀ ମାଣିକ ନନ୍ଦ, ଜୟନ୍ତୀ ପ୍ରଧାନ ଓ ସୁଲୋଚନା ଜେଠି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କେଆରବାଙ୍କ ହାଇସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଅଭିଯୋଗ

କେନ୍ଦ୍ରାପଡ଼ା,୧୦/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକର କେଆରବାଙ୍କ ପଂଚାୟତ ହାଇସ୍କୁଲ ର ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଦୀର୍ଘଦିନ ଧରି ସେହି ସ୍କୁଲର ଜଣେ ଶିକ୍ଷକ ମାନସିକ ନିର୍ଯ୍ୟାତନା, କଟୁଭାଷା ପ୍ରୟୋଗ ଓ ଅମାନବୀୟ ବ୍ୟବହାର ଦୀର୍ଘଦିନରୁ ଦେଖାଇ ଆସୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କୋହଳ ମନଭାବରୁ ମାନସିକ ନିର୍ଯ୍ୟାତନା ଦିନକୁ ଦିନ ବଢି ଚାଲିଥିବା ଶିକ୍ଷୟିତ୍ରୀ ଜଣକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ସେହି ସ୍କୁଲର ଶିକ୍ଷକ ଅରୁଣ କୁମାର ପରମାଣିକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ୨୦୧୬ ରୁ ୨୦୨୧ ଅଗଷ୍ଟ ମାସ ପର୍ଯ୍ୟନ୍ତ ରହିବା ସମୟରେ ପ୍ରାୟ ୧୦୦ କିମି ଦୂରରୁ ଆସି ଚାକିରୀ କରିଥିବା ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ଏକୁଟିଆ ଘରଭଡା ନେଇ ରହୁଥିବା ଦେଖି ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି । ତେବେ ନୂତନ ଭାବେ ପ୍ରଧାନ ଶିକ୍ଷକ ବିଯୁକ୍ତ ହେବାପରେ ମଧ ଏହି ଶିକ୍ଷକ ଜଣକ ବ୍ୟବହାରରେ କୌଣସି ପରିବର୍ତନ ଘଟିନାହିଁ । ଅପରନ୍ତୁ ମୋବାଇଲ ଛଡେଇ ନେଇ ସେଥିରେ ଥିବା ଜରୁରୀ ତଥ୍ୟ ଗୁଡିକୁ ଡିଲିଟ କରିବା ଓ ଭିଡିଓ ଭାଇରାଲ କରିବା ପାଇଁ ଧମକ ଦେବା ଆଦି ଘଟଣାରେ ଶିକ୍ଷୟିତ୍ରୀ ଜଣକ ଭୟଭୀତ ହୋଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବାରୁ ଶିକ୍ଷା ଅଧିକାରୀ ଦୁଇ ଦୁଇ ଥର କାରଣ ଦର୍ଶାଅ ନୋଟିସ ଜାରିକଲେ ମଧ ଏହି ଶିକ୍ଷକ ଜଣକ ନୋଟିସର କୌଣସି ଉତର ଦେଉ ନାହାଁନ୍ତି କି ବ୍ୟବହାରରେ କୌଣସି ପରିବର୍ତନ କରୁ ନାହାଁନ୍ତି । ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିବା ଏହି ଶିକ୍ଷୟିତ୍ରୀ ଜଣକ ନିରୁପାୟ ହୋଇ ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ବିଭାଗର ପ୍ରମୁଖ ପରାମର୍ଶଦାତାଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର,୧୦/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା (ଶିକ୍ଷା) ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଗତକାଲି ପଥରଚେପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପାର୍ବତୀ ଗିରି ମାତୃ ନିକେତନ, ଭଇଁସା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଖପ୍ରାଖୋଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ତାଙ୍କ ଗସ୍ତ ସମୟରେ ବିଦ୍ୟାଳୟ ଗୁଡ଼ିକର ଭିତିଭୂମି, ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା, ବିଦ୍ୟାଳୟଗୁଡ଼ିକର କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସଂଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ 'ବଲାଙ୍ଗିର ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ କିପରି ଏକ ନମ୍ବର ଜିଲ୍ଲା ଭାବେ ପରିଗଣିତ କରାଯାଇ ପାରିବ' ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏକ କର୍ମଶାଳାରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଯତ୍ନବାନ ହେବା ସହ ବଲାଙ୍ଗିର ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ କିପରି ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରାଯାଇପାରିବ ସେ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ । କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଉତମ ସଫଳତା ନିମନ୍ତେ ମାନସିକ ଦକ୍ଷତା ବୃଦ୍ଧି, ଛାତ୍ରଛାତ୍ରୀଙ୍କୁ ଉତମ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରିଦର୍ଶନର ବ୍ୟବସ୍ଥା, ପ୍ରବେଶିକା ପରୀକ୍ଷା ଓ ଅନ୍ୟାନ୍ୟ ପ୍ରତିଯୋଗିତା ନିମନ୍ତେ ମାଗଣା କୋଚିଂର ବ୍ୟବସ୍ଥା, ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ କୋକେରିକୁଲାର କାର୍ଯ୍ୟକ୍ରମ, କ୍ୱିଜ୍, ତର୍କ, ପ୍ରବନ୍ଧ, ଚିତ୍ରକଳା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ଆୟୋଜନ, ଶିକ୍ଷଣ ସମ୍ପର୍କିତ କର୍ମଶାଳାର ଆୟୋଜନ, ସେମିନାର, ମେଗାଜିନ୍ ପ୍ରକାଶନ, ବିଜ୍ଞାନ ଶିକ୍ଷକ ସମ୍ମିଳନୀ, କେରିଅର୍ କାଉନସେଲିଂ, ଧନ୍ଦାମୂଳକ ଶିକ୍ଷା, ପୋଲିଟେକନିକ୍, ଆଇଟିଆଇ, ହୋଟେଲ ମ୍ୟାନେଜମେଂଟ, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା, ଶିକ୍ଷାର ଗୁଣବତାକୁ ବୃଦ୍ଧି କରିବା ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବା ଇତ୍ୟାଦି ପ୍ରସଙ୍ଗରେ କର୍ମଶାଳାରେ ଆଲୋଚନା ହେବା ସହ ମତାମତ ବିନିମୟ ହୋଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ସମେତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ଆଇଟିଆଇ, ପୋଲିଟେକନିକ୍, ଗନ୍ଧମାର୍ଦ୍ଦନ ଆଇଟିଆଇ, ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠା ବଲାଙ୍ଗିରର ମୁଖ୍ୟ, ବିଇଡ୍ କଲେଜ, ଡିଆଇଇଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଅଧକ୍ଷା, ୫-ଟି ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଏନରିଚମେଂଟ୍ କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଶିକ୍ଷାର ବିକାଶ ଦିଗରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲାଗୁରୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରମୁଖ ପରାମର୍ଶଦାତା (ଶିକ୍ଷା) ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପରାମର୍ଶଦାତା ଶ୍ରୀ ତ୍ରିପାଠୀ ଆଜି ବଲାଙ୍ଗିର ସହର ସ୍ଥିତ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କରିଥିଲେ ।

## ପ୍ରକୃତିର ଦାନ - ଭୃସଙ୍ଗପତ୍ର

**ପ୍ରାୟ ପ୍ରତ୍ୟେକଙ୍କ ବାଡ଼ିରେ ରହିଥିବା ତଥା ଖାଦ୍ୟରେ ସୁଗନ୍ଧ ଭରି ଦେଉଥିବା ପତ୍ର ସାଧାରଣ ଲାଗୁଥିଲେ ହେଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**



ଆଣ୍ଟିଅକ୍ସିଡାଣ୍ଟ ଭରପୁର ଥିବାରୁ ଏହା ରକ୍ତରୁ କୋଲେଷ୍ଟରଲ୍ କମାଇବାରେ ସହାୟକ ହୁଏ । ଏଥିପାଇଁ ଖାଦ୍ୟରେ ଭୃସଙ୍ଗପତ୍ରର ବ୍ୟବହାର ବଢ଼ାନ୍ତୁ ନଚେତ୍ କୋଡୋଟି ପତ୍ର କଞ୍ଚା ଚୋବାଇ ଖାଇପାରିବେ ।

ଏଥିରେ ଥିବା ଆଣ୍ଟିଡାଇବେଟିକ୍ ଏଜେଣ୍ଟ ଏବଂ ତନ୍ତୁ ଇନ୍ସୁଲିନ୍ ମାତ୍ରା ନିୟନ୍ତ୍ରଣ କରି ରକ୍ତଶର୍କରା ସ୍ତର ଠିକ୍ ରଖେ । ଡାଇବେଟିସ୍ ରୋଗୀ ୩ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ୫ରୁ୬ଟି ଭୃସଙ୍ଗପତ୍ର ଚୋବାଇ ଏହା ପରୀକ୍ଷା କରିପାରନ୍ତି ।

ଭୃସଙ୍ଗପତ୍ରରେ କାର୍ବୋଜୋଲ୍ ଆଲ୍‌କାଲ୍‌ଏଡ୍‌ସ ଥାଏ ଯାହା ପେଟ ପାଇଁ ଖୁବ୍ ଲାଭଦାୟକ । ଏହା ପେଟରୁ ପିତ୍ତ ମଧ୍ୟ ଦୂର କରେ । ଘୋଳ ଦହିରେ କିଛି ଭୃସଙ୍ଗପତ୍ର ବଟା ମିଶାଇ ଦିନକୁ ୨ରୁ୩ଥର ପିଅନ୍ତୁ ।

ଭିଟାମିନ୍ ସି ଏବଂ ଏ ସହିତ ଆଣ୍ଟିବ୍ୟାକ୍ଟେରିଆଲ ତଥା ଆଣ୍ଟିଫଙ୍ଗାଲ ଏଜେଣ୍ଟ ଏଥିରେ ଅଛି । ଫଳରେ ନାକ ଏବଂ ଛାତିରେ ଜମା ହୋଇଥିବା କଫକୁ ଏହା ବାହାର କରିପାରେ । ଏଥିପାଇଁ ଭୃସଙ୍ଗପତ୍ର ଗୁଣ୍ଡ ଏକ ଚାମଚ ମହୁରେ ମିଶାଇ ଦିନକୁ ୨ଥର ଖାଇଲ ଉପକାର ମିଳିଥାଏ ।

ଲିଭରକୁ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ ରକ୍ଷା କରେ ଭୃସଙ୍ଗପତ୍ର । ଘର ତିଆରି ଘିଅକୁ ଉଷୁମ କରି ଏଥିରେ କପେ ଭୃସଙ୍ଗପତ୍ର ରସ, କିଛି ଚିନି ଏବଂ ଗୋଲମରିଚ ଗୁଣ୍ଡ ମିଶାଇ ହାଲ୍‌କା ନିଆଁରେ ଉଷୁମ କରନ୍ତୁ । ଫୁଟିଲେ ଓହ୍ଲାଇ ଥଣ୍ଡା କରିବା ସହ ପ୍ରତିଦିନ ଏଥିରୁ ଚାମଚେ ଲେଖାଁଏ ସେବନ କରିବେ ।

ଭୃସଙ୍ଗପତ୍ରରେ ଫଲିକ୍ ଏସିଡ୍ ଅଧିକ ମାତ୍ରାରେ ଥିବାରୁ ଆନିମିଆ ରୋଗୀଙ୍କୁ ପ୍ରତିଦିନ କିଛି ଭୃସଙ୍ଗପତ୍ର ଖାଇବାର ପରାମର୍ଶ ଦିଆଯାଏ ।

ସେମାନେ ପ୍ରତିଦିନ ସକାଳେ ଖାଲିପେଟରେ ୨ଟି ଭୃସଙ୍ଗପତ୍ର ସହିତ ଗୋଟାଏ ଖଜୁରୀ ଖାଇବା ଭଲ । ମାସିକ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ତଥା ଯନ୍ତ୍ରଣାରୁ ମୁକ୍ତି ଦେଇପାରେ ଭୃସଙ୍ଗପତ୍ର । ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ହାଲ୍‌କା ଉଷୁମ ପାଣିରେ ଗୋଟିଏ ଚାମଚ ଭୃସଙ୍ଗପତ୍ର ଖାଆନ୍ତୁ ।

ଭିଟାମିନ୍ ବି-୧, ବି-୩, ବି-୯ ଏବଂ ସି ସହିତ ଆଇରନ୍, କ୍ୟାଲସିଅମ୍ ଏବଂ ଫସ୍‌ଫରସ୍ ଏଥିରେ ଭରପୁର ରହିଛି । ଏହାକୁ ଖାଇବା ଦ୍ୱାରା ଅକାଳରେ କେଶ ପାଚିବାରୁ ରକ୍ଷା ପାଇବେ । ରାତିସାରା ଭିଜାଯାଇଥିବା ୬/୭ଟି ବାଦାମରୁ ଚୋପା ଛଡ଼ାଇ ଏହାକୁ ୧୦ରୁ ୧୫ଟି ଭୃସଙ୍ଗପତ୍ର ସହ ବାଟିଦେଇ ଏହି ପେଷ୍ଟକୁ ସପ୍ତାହକୁ ଥରେ କେଶ ମୂଳରେ ମାଲିସ୍ କରନ୍ତୁ । ସୁସ୍ଥ କେଶ ପାଇବେ ।

## ଚାଲାଣ ନ କଟିବା ସହ ଦୁର୍ଘଟଣାରୁ ରକ୍ଷା କରିବ ଗୁଗୁଲ୍ ମ୍ୟାପ: ଜାଣନ୍ତୁ କେମିତି ବ୍ୟବହାର କରିବେ

ଆଜିର ସମୟରେ ଯଦି ଆପଣଙ୍କୁ କୌଣସି ସ୍ଥାନର ରାସ୍ତା ଜଣାନଥାଏ, ତେବେ ମୋବାଇଲରେ ଥିବା ଗୁଗୁଲ୍ ମ୍ୟାପ୍ସ ସାହାଯ୍ୟରେ ଆପଣ ସଠିକ ସ୍ଥାନରେ ପହଂଚିପାରନ୍ତି । ତେବେ ଗୁଗୁଲ ମ୍ୟାପ୍ସ କେବଳ ମାର୍ଗ ବିଷୟରେ ସଠିକ୍ ସୂଚନା ଦେଇନଥାଏ, ବରଂ ଲୋକଙ୍କୁ ଅଧିକ ଭ୍ରମଣ କରି ସମୟ ନଷ୍ଟ କରିବାକୁ ଦେଇନଥାଏ । ମୋଟ ଉପରେ କହିବାକୁ ଗଲେ ବର୍ତ୍ତମାନ ସମୟରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ବୈଶିଷ୍ଟ୍ୟ, ଯାହା ବର୍ତ୍ତମାନ ସମସ୍ତ ସ୍ଥାନରେ ବ୍ୟବହୃତ ହେଉଛି । କିନ୍ତୁ ଆପଣ ଜାଣିଛନ୍ତି କି ଗୁଗୁଲ୍ ମ୍ୟାପ୍ ମଧ ଦୁର୍ଘଟଣାକୁ ରୋକିଥାଏ କେବଳ ଏତିକି ନୁହେଁ, ଏହା ଆପଣଙ୍କୁ ଟ୍ରାଫିକ୍ ଚାଲାଣ କାଟିବାରୁ ମଧ ବଞ୍ଚାଇଥାଏ ।




ତେବେ ଗୁଗୁଲ ମ୍ୟାପ୍ସରେ ଥିବା ଏହି ବୈଶିଷ୍ଟ୍ୟ ବିଷୟରେ ଅନେକ ଲୋକ ଜାଣନ୍ତି ନାହିଁ । ଗୁଗୁଲ୍ ମ୍ୟାପ୍ସର ଏହି ବୈଶିଷ୍ଟ୍ୟର ନାମ ହେଉଛି ସ୍ପିଡ୍ ଲିମିଟ ୱାର୍ଣ୍ଣିଙ୍ଗ । ଏଥିରେ, ଗୁଗୁଲ୍ ମ୍ୟାପ୍ସ ଆପଣଙ୍କ ଯାନର ବେଗକୁ ମାପିଥାଏ ଏବଂ ଅଧିକ ବେଗରେ ଗାଡି ଗଲେ ଆପଣଙ୍କୁ ସତର୍କ କରାଏ । ଅଧିକ ବେଗରେ ଗାଡି ଯାଉଥିଲେ ଓ ଏହାକୁ ନିୟନ୍ତ୍ରଣ ନ କଲେ ଅଧିକାଂଶ ଦୁର୍ଘଟଣା ଘଟିଥାଏ । ଏପରି ପରିସ୍ଥିତିରେ, ଯଦି ଆପଣ ନିର୍ଦ୍ଦିଷ୍ଟ ବେଗରେ ଗାଡି ଚଲାନ୍ତି, ତେବେ ଦୁର୍ଘଟଣାର ସମ୍ଭାବନା ବହୁତ କମିଯାଏ । ବେଳେବେଳେ ଅଧିକ ବେଗରେ ଗାଡି ଚଳାଇବା ଦ୍ୱାରା ଟ୍ରାଫିକ୍ ପୁଲିସ୍ ଚାଲାଣ ମଧ କାଟିଥାନ୍ତି । କିନ୍ତୁ ଗୁଗୁଲ୍ ମ୍ୟାପର ସ୍ପିଡ୍ ଲିମିଟ୍ ଆଲର୍ଟ ଆପଣଙ୍କୁ ଚାଲାଣ କାଟିବା ସହ ଦୁର୍ଘଟଣାରୁ ରକ୍ଷା କରିଥାଏ ।

### କିଭଳି ବ୍ୟବହାର କରିବେ ?:

୧.ଗୁଗୁଲ୍ ମ୍ୟାପ୍ସକୁ ଅପଡେଟ୍ କରନ୍ତୁ ଓ ଗୁଗୁଲ୍ ମ୍ୟାପ୍ ଖୋଲନ୍ତୁ ଏବଂ ଡାହାଣ ପାର୍ଶ୍ୱରେ ଥିବା ପ୍ରୋଫାଇଲ୍ ଆଇକନ୍ ଉପରେ କ୍ଲିକ କରନ୍ତୁ ।

୨. ଏହା ପରେ, ସେଟିଂକୁ ଯାଇ ନାଭିଗେସନ୍ ସେଟିଂ ଉପରେ କ୍ଲିକ କରନ୍ତୁ ।

୩. ବର୍ତ୍ତମାନ ସ୍ପିଡ୍ ସେଟିଂ ଅପ୍ସନ୍ ସିଲେକ୍ଟ କରନ୍ତୁ ।

୪. ଏହା ପରେ ସ୍କ୍ରିନର ତଳ ଭାଗକୁ ଯାଆନ୍ତୁ ଏବଂ ତଳକୁ ସ୍କ୍ରୋଲ୍ କରନ୍ତୁ ଏବଂ ଡ୍ରାଇଭିଂ ଅପ୍ସନ୍ ସିଲେକ୍ଟ କରନ୍ତୁ।

୫. ଶେଷରେ ସ୍ପିଡ୍ ଲିମିଟ ଏବଂ ସ୍ପିଡୋମିଟର ଅପ୍ସନ୍ ଟର୍ନ୍ ଅନ୍ କରନ୍ତୁ ।

୬. ଏହା କରିବା ପରେ, ଗୁଗୁଲ୍ ମ୍ୟାପ୍ସର ଏହି ଟୁଲ୍ ଆପଣଙ୍କ ସ୍ମାର୍ଟଫୋନରେ ଟର୍ନ୍ ଅନ୍ ହେବ ଏବଂ ଆପଣ ସ୍ପିଡ୍ ଲିମିଟ ବିଷୟରେ ସୂଚନା ପାଇବା ଆରମ୍ଭ ହୋଇଯିବ ।

## ସ୍ନାୟୁ ସୁରକ୍ଷା ପାଇଁ ବ୍ୟାୟାମ



ସ୍ପାଇନାଲ କଲମ୍ ବା ମେରୁଦଣ୍ଡ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ବ୍ୟବସ୍ଥା ରହିଛି । ଯୋଗରେ ଏଗୁଡ଼ିକୁ ଚକ୍ର ବୋଲି କୁହାଯାଏ । ମେରୁଦଣ୍ଡର ନିମ୍ନ ଭାଗରୁ ମୁଣ୍ଡର ଶୀର୍ଷ ପର୍ଯ୍ୟନ୍ତ ସାତଟି ମୁଖ୍ୟ ଚକ୍ର ରହିଛି । ପ୍ରତ୍ୟେକ ଚକ୍ର ନିଜ ଅଞ୍ଚଳରେ ଶାରୀରିକ ଗତିବିଧିକୁ ନିୟନ୍ତ୍ରଣ କରିଥାଏ ବୋଲି କୁହାଯାଏ । ଧୀର କିନ୍ତୁ ଗଭୀର ଶ୍ୱାସକ୍ରିୟା ସହିତ ଏହି ପ୍ରକ୍ରିୟା ଆପଣାଇଲେ ଏହା ସ୍ନାୟୁ ବ୍ୟବସ୍ଥାକୁ ସୁସ୍ଥ ଏବଂ ସୁଦୃଢ଼ ରଖିଥାଏ ।

ପ୍ରକ୍ରିୟା : ଗୋଟିଏ ଚୌକିରେ ସିଧା ହୋଇ ବସିପଡ଼ନ୍ତୁ ଏବଂ ସାମନାରେ ଆଉ ଗୋଟିଏ ଚୌକି ରଖିବେ ।

ଚୌକିରେ ଯେତେ ସମ୍ଭବ ପଛେଇ ବସନ୍ତୁ ଯେପରିକି ଆଣ୍ଠୁ ଦୁଇଟି ଛାଡ଼ିଦେଇ ରହିବ ଏବଂ ପାଦ ଚଟାଣରେ ଲାଗି ରହିଥିବ ।

ଗୋଟିଏ ଲମ୍ବା ତକିଆ ଆଣି ଏପରି ରଖନ୍ତୁ ଯେପରି ଏହା ଦୁଇଟି ଚୌକି ମଧ୍ୟରେ ବନ୍ଧର କାମ କରିବ । ତକିଆଟି ଯେପରି ନିତମ୍ବର ପାଖାପାଖି ରହେ । ସାମନାରେ ଥିବା ଚୌକିକୁ ଧରନ୍ତୁ ।

ଛାତି ଉପରକୁ ଟାଣିବା ସହ ନାଭି ମଧ୍ୟ ଯେପରି ଉପରକୁ ଟାଣି ହୋଇ ରହେ ।

ଏବେ ଶ୍ୱାସ ଛାଡ଼ିବା ସହ ତକିଆ ଉପରକୁ ନଇଁ ଆସନ୍ତୁ । ଶରୀର ଯେପରି ତକିଆ ଉପରେ ରହିଯିବ । ବାହୁକୁ ଚୌକି ଉପରେ ସଳଖାଇ ଆରାମ କରନ୍ତୁ ।

ତକିଆ ସହ ଉଚ୍ଚତାକୁ ଠିକ୍ ରଖିବା ଲାଗି ତା'ଉପରେ ଗୋଟଏ କିମ୍ବା ଦୁଇଟି କମ୍ବଳ ଭାଙ୍ଗି ରଖି ପାରିବେ ।

ବେକକୁ କଡ଼େଇ ରଖି ୨/୩ମିନିଟ୍ ଧୀର ଏବଂ ଗଭୀର ଶ୍ୱାସ ଗ୍ରହଣ ସହିତ ଆରାମଦାୟକ ଭାବେ ରହନ୍ତୁ ।

ଏହାପରେ ପାପୁଲିକୁ ତକିଆ ଉପରେ ଭରା ଦେଇ ଧୀରେ ଧୀରେ ଉଠିଆସିବେ ।

## ଲିମୋନେଡ୍

ଖରାଦିନେ ଖାଦ୍ୟ ଅପେକ୍ଷା ପାନୀୟ ଅଧିକ ଆବଶ୍ୟକ ହୋଇଥାଏ । ଖାଲି ପାଣି ସହିତ ଦହି, ଲେମ୍ବୁ ଆଦି ବିଭିନ୍ନ ପ୍ରକାର ସରବତ ନିହାତି ଜରୁରୀ ହୁଏ । ଆଗକାଳରେ ଲୋକେ ଏବେଠାରୁ ଖୁବ ସ୍ୱାଦିଷ୍ଟ ଲେମ୍ବୁ ସରବତ ପ୍ରସ୍ତୁତ କରୁଥିଲେ ଏବଂ ସ୍କ୍ୱାସ ପରି ଏହାକୁ ମଧ ଥଣ୍ଡା ସ୍ଥାନରେ ସାଇତି ରଖୁଥିଲେ । ଏହାକୁ କୁହାଯାଉଛି ଭିଣ୍ଟେଜ୍ ଲିମୋନେଡ୍ । ଜଣେ ବା ଦୁଇଜଣଙ୍କ ପାଇଁ ପ୍ରସ୍ତୁତ କରିବା ଲାଗି ଦରକାର ୫ଟି ଲେମ୍ବୁ ଦେଢ଼କପ୍ ଚିନି, ୨କପ୍ ପାଣି ଏକ ସସ୍‌ପ୍ୟାନ ।



*ପ୍ରସ୍ତୁତି:-* ପ୍ରଥମେ ଲେମ୍ବୁର ଚୋପା ଛଡ଼ାଇ ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟିଦେବେ । ଏହାକୁ ଏକ ପ୍ରଶସ୍ତ ପାତ୍ରରେ ରଖି ଉପରେ ଚିନି ଛିଞ୍ଚିଦିଅନ୍ତୁ । ଘଣ୍ଟାଏ ଏପରି ରଖିଦେଲେ ଲେମ୍ବୁରସରେ ଚିନି ମିଳାଇଯିବ । ସସପ୍ୟାନରେ କିଛି ପାଣି ଦେଇ ଭଲଭାବେ ଫୁଟାଇବା ପରେ ସେଥିରେ କଟା ଲେମ୍ବୁ ପକାଇଦେବେ । ଏହା ଭଲଭାବେ ଫୁଟିଗଲେ ଏହି ମିଶ୍ରଣକୁ ଥଣ୍ଡା କରନ୍ତୁ । ପ୍ରାୟ ୨୦ମିନଟ୍ ବାହାରେ ରହିଲେ ଏହା ଆପେ ଥଣ୍ଡା ହୋଇଯିବ । ଏବେ ଛଣାରେ ଏହାକୁ ଛାଣି ରହିଯାଇଥିବା ଲେମ୍ବୁକୁ ବି ଚିପୁଡ଼ି ନିଗାଡ଼ି ଦିଅନ୍ତୁ। ଭିଣ୍ଟେଜ ଲିମୋନେଡ ପ୍ରସ୍ତୁତ । ପୂର୍ବରୁ ଏହାକୁ ଲୋକେ ଥଣ୍ଡା ଜାଗାରେ ରଖୁଥିଲେ ଏବେ ଫ୍ରିଜରେ ଏହାକୁ ରଖିପାରନ୍ତି । ଗ୍ଲାସରେ ଏଥିରୁ କିଛି ନେଇ ଥଣ୍ଡା ପାଣି ଏବଂ ଆଇସ୍ କ୍ୟୁବ୍ ପକାଇ ପିଇବାକୁ ଦେଇପାରନ୍ତି ।

## ନାକରୁ ରକ୍ତ ପଡୁଥିଲେ କଣ କରିବେ ଉପଚାର ?



ଅନେକ ସମୟରେ ଦେଖାଯାଇଥାଏ ନାକରୁ ରକ୍ତ ପଡୁଥିବାର । ଆସନ୍ତୁ ଜାଣିବା ଏହାର ନିରାକରଣ ସମ୍ପର୍କରେ । ଯଦି ଆପଣଙ୍କ ନାକରୁ ରକ୍ତ ପଡୁଥାଏ ତେବେ ଏହି ସବୁ ଉପଚାରକୁ ଆପଣାନ୍ତୁ । ରକ୍ତ ସ୍ରାବ ନ କମିବା ଯାଏ ନାକକୁ ଚିପି ଧରନ୍ତୁ । ରକ୍ତସ୍ରାବ ଯଦି ନିୟନ୍ତ୍ରଣରେ ନରୁହେ ତାହେଲେ କିଛି ତୁଳାକୁ ମଧ ନାକପୁଡ଼ାରେ ରଖନ୍ତୁ । ଯଦି ସମ୍ଭବ ହୁଏ ତୁଳାକୁ ହାଇଡ୍ରୋଜନ ପେରେକସାଇଡ୍, ଭେସଲିନ୍, କାର୍ଡିନ କାକଟସ ରସ ବା ଏପିନେଫ୍ରାଇନ ସହିତ ଲିଡ଼ୋକେନ ମିଶଶଇ ଭିଜାଇ ଦିଅନ୍ତୁ । ତାପରେ ପୁଣିଥରେ ନାକକୁ ଭଲ ଭାବେ ଚାପିଧରନ୍ତୁ । ଯଦି ବାରମ୍ବାର ନାକରୁ ରକ୍ତ ବାହାରେ ତେବେ ଦିନକୁ ଦୁଇଥର ଅଳ୍ପ କିଛି ଭେସଲିନ ନାକ ଫୁଡ଼ା ଭିତରେ ଲେପନ କରନ୍ତୁ କିମ୍ବା ପାଣିରେ ଅଳ୍ପ ଲୁଣ ମିଶଶଇ ଏହାକୁ ନାକରେ ଶୁଘଂନ୍ତୁ । କମଳା, ଟମାଟୋ ବା ଅନ୍ୟାନ୍ୟ ଫଳ ଖାଇବା ଦ୍ୱାରା ରକ୍ତବାହୀ ଶିରା ମଜବୁତ ହୋଇ ନାକରୁ ରକ୍ତ ପଡ଼ିବା କମିଯାଏ ।

## ତ୍ରିଫଳା



ଆୟୁର୍ବେଦରେ ହରିଡ଼ା, ବାହାଡ଼ା ଓ ଅଁଳାର ସମପରିମାଣର ମିଶ୍ରଣକୁ ତ୍ରିଫଳା କୁହାଯାଏ । ମଳାଗ୍ନୀ, କୋଷ୍ଠ କାଠିନ୍ୟ, ଜ୍ୱର, ଚକ୍ଷୁ, କର୍ଣ୍ଣାଦିର ବିକାର ନାଶକ, ମସ୍ତିଷ୍କ ଶୀତଳକାରୀ ହିସାବରେ ଏହାର ବ୍ୟବହାର ହୋଇଥାଏ । ବହୁ ବର୍ଷ ପୂର୍ବେ ଭାରତର ବୈଦ୍ୟମାନେ ବିଭିନ୍ନ ରୋଗ ନିରାକରଣ ପାଇଁ ଏହି ଫଳକୁ ବ୍ୟବହାର କରୁଥିଲେ । ଏବେ ମଧ ଘରୋଇ ଉପଚାରରେ ତ୍ରିଫଳାକୁ ବ୍ୟବହାର କରାଯାଉଛି । ହରିଡ଼ା, ବାହାଡ଼ା ଓ ଅଁଳାର ଚୂର୍ଣ୍ଣରୁ ପ୍ରସ୍ତୁତ ତ୍ରିଫଳାକୁ ସାଧାରଣତଃ ଲୋକେ ପାଣି ସହ ସେବନ କରିଥାନ୍ତି । ଏହି ଚୂର୍ଣ୍ଣକୁ ସେବନ କରିବା ଦ୍ୱାରା ଆୟୁର୍ବେଦ ଶାସ୍ତ୍ର ଅନୁସାରେ ଶରୀର ପାଇଁ ବହୁ ଉପାଦେୟ ହୋଇଥାଏ । ଦୈନିକ ସକାଳୁ ୧ଗ୍ଲାସ୍ ନଖ ଉଷୁମ ପାଣି ସହ ୧ ଚାମଚ ତ୍ରିଫଳା ଓ ଅଧ ଚାମଚ ମହୁମିଶାଇ ପିଇଲେ ଓଜନ ନିୟନ୍ତିତ ହୋଇଥାଏ । ରାତିରେ ଶୋଇବାର ଘଣ୍ଟାକ ପୂର୍ବରୁ ୧ଗ୍ଲାସ ନଖ ଉଷୁମ କ୍ଷୀରରେ ୧ଚାମଚ ତ୍ରିଫଳା ମିଶାଇ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ରାତିରେ ମାଟି ପାତ୍ରରେ ୨କପ୍ ପାଣି ଓ ୧ଚାମଚ ତ୍ରିଫଳା ଭିଜାଇ ରଖି ସକାଳୁ ଏହି ପାଣିକୁ ଛାଣି କରି ପିଇଲେ ଆଖିର ଜ୍ୟୋତି ବଢ଼େ । ମଧୁମେହ ରୋଗୀ ନିୟମିତ ତ୍ରିଫଳା ସେବନ କଲେ ସେମାନଙ୍କ ଶର୍କରା ନିୟନ୍ତ୍ରଣରେ ରହିଥାଏ ।

## ଟମାଟୋର ଉପକାରିତା

**ଟମାଟୋ ଏକ ଉପାଦେୟ ପରିବା । ଅଧିକାଂଶ ତରକାରିରେ ଏହା ପଡ଼େ । ଏହାକୁ ସୁପ୍ ଚଟଣି ଏବଂ ସାଲାଡରେ ମଧ ବ୍ୟବହାର କରାଯାଏ । ଏଥିରେ ଭିଟାମିନ, ଖଣିଜ ସହ ମଣିଷ ପାଇଁ ଆବଶ୍ୟକ ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ ମଧୁମେହକୁ ମଧ ନିୟନ୍ତିତ କରେ ।**



*ଗୁଣ ଓ ଫାଇଦା:-*

- ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର ।
- ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ ।
- ପ୍ରତିଦିନ ୨/୩ଟି ଟମାଟୋ ଖାଇଲେ ଓଜନ କମେ ।
- ଟମାଟୋ ସହିତ ଜୁଆଣି ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ ।
- ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।
- ଟମାଟୋରେ ଭିଟାମିନ କେ ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜବୁତ କରେ ।
- ଟମାଯୋରେ ସୌନ୍ଧବ ଲବଣ ମିଶାଇ ଖାଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।
- ମଧୁମେହ ରୋଗୀଙ୍କ ପାଇଁ ଏହା ଉପକାରୀ ।
- ରକ୍ତହୀନତା ଦୂର କରେ ।
- ତ୍ୱଚାର ଚମକ ପାଇଁ ଟମାଟୋ ଘଷନ୍ତୁ ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜୋରଦାର୍ ଲଢ଼େଇ...

ୟୁକ୍ରେନ୍ ସହ ରୁଷର ଯୁଦ୍ଧ ଏବେ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଯାଇଛି । ରାଜଧାନି କିଏଭ ଉପରେ ରୁଷ ସେନା ପ୍ରଚଣ୍ଡ ଆକ୍ରମଣ ଚଳାଇଥିବା ବେଳେ କିଏଭ ପତନ ଶୀଘ୍ର ହୋଇଯିବା ନେଇ ପୁଟିନ୍ ଆଶାବାଦୀ ଥିବା ସମୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡୋମିର ଜେଲେନର୍ସ ନାଟୋ ଅଂଶୀଦାର ଏବଂ ୟୁରୋପୀୟ ସଂଘ ସହଯୋଗୀଙ୍କୁ ଉଦ୍‌ବୋଧନ ଦେଇ ସାହାଯ୍ୟ ମାଗିଛନ୍ତି । ଏକ ପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷକୁ କଡ଼ା ଚେତାବନୀ ଶୁଣାଇ ଦେଇଛନ୍ତି । ଯେ ପୁଟିନ ଆସନ୍ନ ବିପତ୍ତିର ପରିଣତି ନେଇ ଅବଗତ ନୁହନ୍ତି । ସେ ବିଶ୍ୱ ସମୁଦାୟ ଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛନ୍ତି । ପ୍ରଚଣ୍ଡ ଲଢେଇ ଭିତରେ ଉଭୟ ରାଷ୍ଟ୍ର ପୂରା ଦମ୍ ଲଗାଇ ଦେଇଥିଲେ ସୁଦ୍ଧା ରୁଷ ଉପରେ ଗୁରୁତର ପରିଣତି ନେଇ ପୁଟିନ୍‌ଙ୍କର ସଠିକ୍ ଧାରଣା ନାହିଁ ବୋଲି କହିଛନ୍ତି ବାଇଡେନ୍ । ବାଇଡେଙ୍କ ବକ୍ତବ୍ୟକୁ ୟୁକ୍ରେନ୍ ସମେତ ନାଟୋ ଦେଶଗୁଡ଼ିକ ଦୃଢ଼ ସମର୍ଥନ କରିଛନ୍ତି । ସେପଟେ ବାଇଲୋରଷିଆ ଓ ଅନ୍ୟ କେତେକ ଦେଶ ରୁଷକୁ ସମର୍ଥନ ଜଣାଇଁ ପୂର୍ଣ୍ଣ ସହଯୋଗ କରିଆସୁଛନ୍ତି । କିନ୍ତୁ ୟୁକ୍ରେନର ସାମରିକ ଶକ୍ତି ସହରରୁ ସାମରିକ ଶକ୍ତିର ମୁକାବିଲାକକୁ ଦେଖାଗଲେ ନିର୍ଣ୍ଣାୟକ ଲଢେଇର ସ୍ଥିତି କିଭଳି ହେବ, ତାହା କହିହେଉନାହିଁ । ୟୁକ୍ରେନ୍ ସହ ରୁଷର ଲଢେଇ ଲାଗି ରହିଥିବା ଭିତରେ ମିଳିତ ଜାତିସଂଘ ମାନବିକ ଅଧିକାର କମିସଙ୍କ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ତୃତୀୟ ଥର ଭାରତ ସେଥିରୁ ବିରତ ରହିଛି । ଚୀନ୍ ସମେତ କେତେକ ଦେଶ ରୁଷକୁ ସମର୍ଥନ ଜଣାଇ ଭୋଟ୍ ଦେଇଥିବା ଦେଖାଯାଇଛି । ସେତିକି ନୁହେଁ, ରୁଷ ତାହାର ସମସ୍ତ ଶକ୍ତି ଖଟାଇ କିଏଭକୁ ଦଖଲ କରିବାପାଇଁ ଚାହୁଁଛି । ଉଭୟ ପକ୍ଷର ହଜାର ହଜାର ନରନାରୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଅଟକି ରହିଥିବା ଭାରତୀୟ ଛାତ୍ରମାନଙ୍କ ବିମାନ ମାର୍ଗରେ ଭାରତକ ଅଣାଯିବା ପାଇଁ ଚାରିଜଣିଆ ମନ୍ତ୍ରୀଗୋଷ୍ଠୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଦୁର୍ଭାଗ୍ୟବଶତଃ ଜନୈକ କନ୍ନଡ଼ ଛାତ୍ର ନବୀନ ଷ୍ଟେସନକୁ ସହଯାତ୍ରୀମାନଙ୍କୁ ନେବା ସମୟରେ ଡ୍ରୋନ୍ ମାଡ଼ରେ ପ୍ରାଣ ହରାଇଛନ୍ତି । ଏହା ଦେଶବାସୀଙ୍କ ପକ୍ଷେ ଅତ୍ୟନ୍ତ ପୀଡ଼ାଦାୟକ ଖବର । ୟୁକେର ଭାରତୀୟ ଦୂତାବାସକୁ ଇତିମଧ୍ୟରେ ବନ୍ଦ କରିଦିଆଯାଇଛି । ନାଟୋ ଓ ଅନ୍ୟ ଦେଶଗୁଡ଼ିକ ପକ୍ଷରୁ ରୁଷର ନିର୍ଣ୍ଣାୟକ ଲଢେଇକୁ ଅମାନବିକ ଓ ମର୍ମାନ୍ତିକ ସାମରିକ କାର୍ଯ୍ୟ ବୋଲି ଅଭିହିତ କରଯାଇଛି । ରୁଷ ରାଷ୍ଟ୍ରପତି ଭାଦିମିର ପୁଟିନ୍ ଦୁର୍ବର୍ଷ ହିଟ୍‌ଲର ଭଳି ଅମାନବିକ ଗଣହତ୍ୟା କରିଚାଲିଛନ୍ତି ବୋଲି ଅନେକ ଦେଶ ବର୍ଣ୍ଣନା କରିଚାଲିଛନ୍ତି । ଅନ୍ୟପକ୍ଷରେ କୌଣସି ସ୍ଥିତିରେ ୟୁକ୍ରେନ୍‌କୁ ସାମରିକ ମେଣ୍ଟଭୁକ୍ତ ହେବାକୁ ଦିଆଯିବ ନାହିଁ ବୋଲି ପୁଟିନ୍ ଜିଦ୍ ଧରିଛନ୍ତି । ନାଟୋ ସପକ୍ଷବାଦୀ ରାଷ୍ଟ୍ରପତିଙ୍କ ସ୍ଥାନରେ ବିକଳ୍ପ ରାଷ୍ଟ୍ରପତିଙ୍କୁ ଗାଦିରେ ବସାଇବା ଚାହୁଁଛନ୍ତି । ଆମେରିକା ୟୁକ୍ରେନ୍ ସପକ୍ଷରେ ହସ୍ତକ୍ଷେପ କରିବା ଦିଗରେ ଯଥେଷ୍ଟ ବିଳମ୍ବ କରିଦେଲା, ତାହା ବିଶ୍ୱବାସୀ କହୁଛନ୍ତି । ପୁଟିନ୍‌ଙ୍କ ବଳ ବାଇଡେଙ୍କୁ ଜଣା । କିନ୍ତୁ ବାଇଡେନ୍ ଓ ତାଙ୍କ ନାଟୋ ସହଯୋଗୀ ରୁଷର ବଳ କଷିବାରେ ଭୁଲ୍ କରିବସିଲେ କିମ୍ବା କଳିବାର ସାମର୍ଥ୍ୟ ହରାଇ ବସିଥିଲେ, କହିବା କଷ୍ଟକର। ନିର୍ଣ୍ଣାୟକ ଲଢେଇର ରୂପରେଖ କ'ଣ ହେବ, ତାହା ଏବେଠାରୁ ଆକଳନ କରିହେବନାହିଁ । ମାତ୍ର ୟୁକ୍ରେନ୍ ରାଷ୍ଟ୍ରପତି ନିଜ ସ୍ଥିତିରୁ ଓହରିବା ସ୍ଥିତିରେ ନାହାନ୍ତି । ସେହିଭଳି ପୁଟିନ ନିଜ ସ୍ଥିତିରେ ଅଟଳ ରହିଥିବାରୁ ବିଶ୍ୱଯୁଦ୍ଧ ଭଳି ଭୟାନକ ସ୍ଥିତିଯେ ଦେଖାନଦେବ, କିଏ କହିପାରିବ ? ଏକ ପଟେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଭଳି ଶକ୍ତିଶାଳୀ ଦେଶ ଅନ୍ୟପକ୍ଷରେ ରୁଷକୁ ସମର୍ଥନ ଦେବାକୁ ବାହାରି ପଡ଼ିଛି ଚୀନ୍ । ଶକ୍ତିଶାଳୀ ଚୀନ୍ ଓ ଉତ୍ତର କୋରିଆ ଚାହୁଁ ଛନ୍ତି ଯୁକ୍ତରାଷ୍ଟ୍ର ଓ ତା'ର ସହଯୋଗୀଙ୍କୁ ଶିକ୍ଷାଦେବାକୁ । ଏଭଳି ସ୍ଥିତିରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଥିବା ମାନବ ସମାଜ ହତଚକିତ ହୋଇ ରହିଛନ୍ତି । ଭାରତ ଭଳି କେତେକ ଦେଶ ଅସ୍ୱାଭାବିକ ସ୍ଥିତିର ଅବସାନ ଘଟୁ ବୋଲି ମରାମର୍ଶ ଦେଇଛନ୍ତି । ଆମେରିକା ଏକ ସମୟରେ ଇରାକ୍ ବିରୋଧରେ ଲଢୁଥିବା ବେଳେ କେଉଁ ବିଶ୍ୱଶକ୍ତିର ଅନୁମତି ନେଇଥିଲା ବୋଲି ପ୍ରଶ୍ନ ଉଠୁଛି । ସେହି ଭଳି ଆଫଗାନ୍ ସଙ୍କଟ ଘନୀଭୂତ ହେବା ସମୟରେ ଆମେରିକା ପଛଘୁଞ୍ଚା ଦେଇଥିଲା, ତାହା ବିଶ୍ୱବାସୀ ଦେଖିଛନ୍ତି । ଦେଖିଛନ୍ତି ତାଲିବାନୀ ଉତ୍ପାତ ଓ ଆଫଗାନ୍ ସ୍ଥିତିରେ ସୃଷ୍ଟ ଅକାରଣ ଜଟିଳତା ଦୁଇ ହାତ ମିଶିଲେ ତାଳି ବାଜିଥାଏ । ଜଣକର ଦୋଷରେ ସବୁ କିଛି ବାଛିବା କେତେଦୂର ଠିକ୍ ତାହା କହିହେବ ନାହିଁ । ସମସ୍ତଙ୍କୁ ଜଟିଳତା ଭିତରକୁ ଠେଲି ଦେଇ ପୁଟିନ୍ ଯେମିତି ଗୁରୁତର ଅପରାଧ କରି ବସିଛନ୍ତି, ତାହା ଇତିହାସ କିଭଳି କ୍ଷମା କରିବ,କହିହେବ ନାହିଁ । ସେହିଭଳି ୟୁକ୍ରେନ୍ ନେତା ନାଟୋ ମେଣ୍ଟ ଆଡ଼କୁ ଢଳି ନିଜ ଦେଶକୁ ବିଷମ ସ୍ଥିତ ଭିତରକୁ ଠେଲି ଦେଇଛନ୍ତି ବୋଲି ମଧ୍ୟ ବିଶ୍ୱାସ କରାଯାଇପାରେ । ତେବେ ଯେତେଶୀଘ୍ର ଏହି ସଂକଟର ସମାଧାନ ହେବ ସେତେ ଭଲ । ଯୁଦ୍ଧ କେବଳ ସେହି ଦୁଇ ରାଷ୍ଟ୍ରଙ୍କୁ ନୁହେଁ, ଉଣା ଅଧିକେ ସମସ୍ତଙ୍କୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆକ୍ରାନ୍ତ କରିଛି । ତେଣୁ ଏହାର ଅବସାନ ଲୋଡ଼ା ।

## ବାଣପୁର ମାଟିର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ



**ବିଶ୍ୱବିଜୟୀ ଦାଶ**

ପାଇକ, ସ୍ୱାଭିମାନୀ, ସଂଗ୍ରାମୀ, ବୀର, କଳା, ସଂସ୍କୃତି ଓ ଐତିହ୍ୟ ର ମାଟି ବାଣପୁର ମାଟି।ଏହି ମାଟିରେ ବହୁ ଯୋଗଜନ୍ମା ପୁରୁଷ ଜନ୍ମନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି। ତନ୍ମଧ୍ୟରୁ

ବିପ୍ଳବୀ ବୀର କୃତ୍ତିବାସ ପାଟ୍ଟଶାଣୀ, ଯିଏ ପାଇକ ବିଦ୍ରୋହର ନାୟକ, ମୁକ୍ତି ସଂଗ୍ରାମର ଅଗ୍ରଣୀ ଯୋଦ୍ଧା । ୧୮୩୬ ମସିହା ଜୁନ୍ ମାସରେ କୃତ୍ତିବାସଙ୍କ ନେତୃତ୍ୱରେ ବିଦ୍ରୋହ ହେଲା। ସେତେବେଳେ ବାଣପୁରରେ ନୂଆ କରି ଥାନା ହୋଇଥାଏ।ଦୁଇ ତିନୋଟି ଫାଣ୍ଡି ଓ ଡ଼ାକବଙ୍ଗଳା ଥାଏ। ତା'ପରେ ସହସ୍ରାଧିକ ଦଳବେହେରା, ଦଳେଇ ନାୟକ ଓ ପାଇକ କୃତ୍ତିବାସଙ୍କ ଛତ୍ର ତଳେ ଏକତ୍ରିତ ହୋଇଥିଲେ । ତାଙ୍କର ନିର୍ଦ୍ଦେଶ କ୍ରମେ ସେମାନେ ସମସ୍ତେ ବାଣପୁର ଥାନା ଦଖଲ କରିନେଲେ। ଥାନା ଭିତରେ ପଶି କାଗଜ ପତ୍ର ପୋଡ଼ି ଦେବା ସହ ଧନ ସମ୍ପତ୍ତି ଲୁଟ କରିନେଲେ। ପାଇକମାନଙ୍କ ଏତାଦୃଶ୍ୟ ଦେଖି ଇଂରେଜମାନଙ୍କ ଭିତରେ ହୃଦକମ୍ପନ ସୃଷ୍ଟି ହେଲା ଓ ପାଇକମାନଙ୍କୁ ଦମନ କରିବା ପାଇଁ ଇଂରେଜମାନେ ଅଧିକ ସୀପାହି ମଗାଇଲେ। ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ ଓ ବୀର ପାଇକ ଯୋଦ୍ଧାଙ୍କ ସହ ଇଂରେଜମାନଙ୍କ ସହ ଯୁଦ୍ଧ ହେଲା। ଯୁଦ୍ଧରେ ଇଂରେଜ ସେନାଧକ୍ଷ ବେଲସା ହେବଙ୍କୁ ପରାସ୍ତ କରି ଜୁନ୍ ୪ ତାରିଖରେ ବାଣପୁର ସ୍ୱାଧିନ ହେଲା ବୋଲି ରାଜା ଶରଣ ସିଂହ ଘୋଷଣା କଲେ, କିନ୍ତୁ ଏହି ସ୍ୱାଧିନତା ୩ ଦିନ ରହି ପାରିଥିଲା।

ପଣ୍ଡିତ ଗୋଦାବରୀଶ ମିଶ୍ର, ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ, ଏକାଧାରାରେ ଜଣେ ଆଦର୍ଶ

ଶିକ୍ଷକ, ଶିକ୍ଷାବିଦ୍, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ। ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ । କବିପ୍ରାଣର ଅନନ୍ତ ବିସ୍ମୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ । ପଣ୍ଡିତ ମିଶ୍ର ହେଉଛନ୍ତି ବାଣପୁରର ପ୍ରଥମ ବିଧାୟକ ଏବଂ ଓଡ଼ିଶାର ଶିକ୍ଷାମନ୍ତ୍ରୀ ହୋଇଥିଲା । ତାଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା।

ଜନନେତା ପର୍ଶୁରାମ ହରିଚ୍ଚନ୍ଦନ, ସେ ଏକାଧାରାରେ ଜଣେ ସୁସଂଗଠକ, ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ, ନିସ୍ୱାର୍ଥପର ଜନସେବକ, ସୁପରାମର୍ଶଦାତା, ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରାର ତେଜୋଦୀପ୍ତ ନକ୍ଷତ୍ର। ସେ ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ। ଯୁଗପୁରୁଷ ପର୍ଶୁରାମ ହରିଚ୍ଚନ୍ଦନଙ୍କ ଦ୍ୱାରା ଗମ୍ଭାରିମୁଣ୍ଡାରେ ପ୍ରତିଷ୍ଠା ହୋଇଥିଲା ପଲ୍ଲୀ ସଂସ୍କୃତି କଳା ପରିଷଦ। ଏହି କଳା ପରିଷଦ କେବଳ ଯେ କଳା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ, ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବକଳାକାର, ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ। ଗମ୍ଭାରିମୁଣ୍ଡା ଅଞ୍ଚଳରେ ଶିକ୍ଷାର, ସ୍ୱାସ୍ଥ୍ୟର, ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚେଷ୍ଟା ଚଳାଇଥିଲେ।

ପର୍ଶୁରାମ ହରିଚ୍ଚନ୍ଦନ ବାଣପୁର ବ୍ଲକର ଚେୟାରମ୍ୟାନ୍ ହେଲେ, ତା'ପରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ହେଲେ। ବାଣପୁର ବ୍ଲକର ଚେୟାରମ୍ୟାନ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ର ବିକାଶ ଓ ଉନ୍ନତି କରିଥିଲେ। ସେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରୁଥିଲେ।

ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ୍ଚନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ଗମ୍ଭାରିମୁଣ୍ଡାରେ ସ୍ୱାସ୍ଥ୍ୟ କେନ୍ଦ୍ର, ଡ଼ାକଘର, ପଶୁ ଡ଼ାକ୍ତରଖାନା, ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ସେ ପ୍ରତିଷ୍ଠା କରିଥିଲେ। ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର ।ସେ ଅନେକ ନାଟକ ରଚ୍ଚନା କରିଥିଲେ। ସେହି ନାଟକ ମଧ୍ୟରେ 'ବିପ୍ଳବୀ କୃତ୍ତିବାସ', 'ଛିନାଙ୍ଗୀ', 'ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର'। ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ।

କବି ଗୋଦାବରୀଶ ମହାପାତ୍ର, ଓଡ଼ିଆ ସାହିତ୍ୟର କୃତୀ ସାଧକ, ଗାଳ୍ପିକ, ବ୍ୟଙ୍ଗକାର, ଶିଶୁ ସାହିତ୍ୟିକ, ସମାଲୋଚ୍ଚକ ଓ ସଫଳ ସାମ୍ବଦିକ ଥିଲେ। ଦୀର୍ଘ ପଚ୍ଚାଶ ବର୍ଷରୁ ଅଧିକ ସମୟ ଧରି ତାଙ୍କ ଲେଖନୀ ଚ୍ଚାଳନା ସକ୍ରିୟ ଥିଲା। ଅପ୍ରତିଦ୍ୱନ୍ଦୀ ଅଦ୍ୱିତୀୟ ବ୍ୟଙ୍ଗଧର୍ମୀ ପତ୍ରିକା 'ନିଆଁଖୁଣ୍ଟା'ର ସେ ଥିଲେ ପ୍ରତିଷ୍ଠାତା ସଂପାଦକ।ଏହି ପତ୍ରିକାରେ ଓଡ଼ିଶାର ସମସାମୟିକ ସମାଜ, ସାହିତ୍ୟ, ସଂସ୍କୃତି, ରାଜନୀତିର ଶାଣିତ ବ୍ୟଙ୍ଗ କରି ଏକ ନୂତନ ରୁଚ୍ଚିବୋଧର ପରମ୍ପରା ସେ ସୃଷ୍ଟି କରିପାରିଥିଲେ। ସେ ଅନେକ କବିତା ରଚ୍ଚନା କରିଥିବା ସ୍ଥଳେ 'ଉଠ କଙ୍କାଳ' କବିତା ଅନ୍ୟତମ।ଏହି କବିତା ଆଜି ବି ପଢ଼ିଲେ ମନଭିତରେ ଦେଶପ୍ରୀତି ଜାଗ୍ରତ କରେ।

ସମବାୟବିଦ୍ ଶଶୀଭୂଷଣ ହରିଚ୍ଚନ୍ଦନ, ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ସୁସଂଗଠକ, ସୁପରାମର୍ଶଦାତା, ନିସ୍ୱାର୍ଥପର ଜନସେବକ, ବନ୍ଧୁପ୍ରେମୀ । ଶଶୀଭୂଷଣ ହରିଚ୍ଚନ୍ଦନ ଓ ତାଙ୍କ ସହଯୋଗୀଙ୍କ ଉଦ୍ୟମରେ ଗମ୍ଭାରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ପରିଣତ ହୋଇଥିଲା। ଉଚ୍ଚଶିକ୍ଷା ନିମନ୍ତେ ସେ ଗମ୍ଭାରିମୁଣ୍ଡା ଠାରେ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ, ଯାହା ତାଙ୍କ ପିତାଙ୍କ ନାମିତ ପର୍ଶୁରାମ ମହାବିଦ୍ୟାଳୟ। କଳାକ୍ଷେତ୍ର ରେ ମଧ ସେ ବହୁ ସୁନାମ ଅର୍ଜନ କରିଛନ୍ତି।ସେ ଜଣେ ସୁଦକ୍ଷ ଓ ପୋଖତ କଳାକାର ଭାବେ ଅଞ୍ଚଳରେ ବେଶ ପରିଚ୍ଚିତ। ଜନସାଧାରଣଙ୍କ ସୁଖଦୁଃଖ ବୁଝିବା ଓ ସମସ୍ୟା ସମାଧାନ କରିବାରେ ବହୁ ଆଗଭର। ଓଡ଼ିଶା ପ୍ରଦେଶର ଜନସଂଘର ସର୍ବ ପ୍ରଥମ ନିର୍ବାଚ୍ଚିତ ବ୍ଲକ ଅଧ୍ୟକ୍ଷ ଭାବରେ ବାଣପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଥିଲେ। ତା'ପରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭାବରେ ନିର୍ବାଚ୍ଚିତ ହୋଇ ଶଶୀଭୂଷଣ ହରିଚ୍ଚନ୍ଦନ ତାଙ୍କର ସାଧୁତା, ଦକ୍ଷତା, ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ପାଇଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କକୁ ତୃତୀୟ ଶ୍ରେଣୀରୁ ପ୍ରଥମ ଶ୍ରେଣୀକୁ ଉନ୍ନୀତ କରିପାରିଥିଲେ। ସମବାୟ କ୍ଷେତ୍ରରେ ଶଶୀଭୂଷଣ ହରିଚ୍ଚନ୍ଦନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ, ତତ୍କାଳୀନ ଓଡ଼ିଶା ସରକାର ତାଙ୍କୁ ଜାପାନ, ମାଲେସିୟା, ଥାଇଲାଣ୍ଡ, ଫିଲିପାଇନ୍ସ ପ୍ରଭୃତି ଦେଶଗୁଡ଼ିକୁ ସମବାୟର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ପଠାଇଥିଲେ।

ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ତାଙ୍କ ଲିଖିତ କବିତା ଗୁଡ଼ିକ ଆଜି ବି ସତେଜ ଅଛି। ତାଙ୍କ କାବ୍ୟ ନାଟିକା 'ନିଃଶଦର ଡ଼ାକ', ଯାହା ଜନମାନସକୁ ଆଦୃତ କରିପାରିଥିଲା।ସେ ଜାତୀୟ ଚେତନା ମୂଳକ କବିତା ତଥା ପାଇକମାନଙ୍କ ବୀରତ୍ୱ ବ୍ୟଞ୍ଜକ କବିତା ରଚନା କରିଥିବାରୁ ତାଙ୍କୁ 'ପାଇକ କବି' ଆଖ୍ୟା ଦିଆଯାଇଥିଲା।

ପଣ୍ଡିତ ରଘୁନାଥ ମିଶ୍ର, ଏକାଧାରାରେ ସୁଦୃଢ଼ ସଂଗଠକ ଓ ସମାଜସେବୀ। ସେ ବାଣପୁର ର ପୂର୍ବତନ ବିଧାୟକ ଓ ଗୋଦାବରୀଶ ମହାବିଦ୍ୟାଳୟ ପ୍ରତିଷ୍ଠାତା, ତାଙ୍କ ବିଧାୟକତ୍ୱ ସମୟରେ ବାଣପୁର ର ଅନେକ ବିକାଶ କରିଥିଲେ।

ଜଷ୍ଟିସ ରଙ୍ଗନାଥ ମିଶ୍ର, ସୁପ୍ରିମକୋର୍ଟର ପ୍ରଥମ ଓଡ଼ିଆ ମୁଖ୍ୟ ବିଚ୍ଚାରପତି, ଭାରତୀୟ ଜାତୀୟ ମାନବାଧିକାର କମିସନର ଅଧ୍ୟକ୍ଷ, ରାଜ୍ୟସଭା ସାଂସଦ ଓ ଅଲ ଇଣ୍ଡିଆ ବଏ ସ୍କାଉଟ ଆସୋସିଏସନର ମୁଖ୍ୟ ସ୍କାଉଟ ଭାବେ କାର୍ଯ୍ୟ କରିଥିଲେ।

ଲୋକନାଥ ମିଶ୍ର, ରାଜନୀତିଜ୍ଞ, ରାଜ୍ୟସଭା ସଦସ୍ୟ, ଆସାମ ଓ ନାଗାଲାଣ୍ଡ ର ରାଜ୍ୟପାଳ ଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଗ୍ଲେସିୟର ତରଳିବାର ଭୟାବହତା



**ଅମୂଲ୍ୟ କୁମାର ପଣ୍ଡା**

ଦିନକୁ ଦିନ ପୃଥିବୀ ପୃଷ୍ଠରେ ବଢ଼ି ଚାଲିଛି କାର୍ବନ ଡାଇଅକ୍ସାଇଡର ପରିମାଣ। ଆଉ ଏହି କାରଣରୁ ପୃଥିବୀ ଉତ୍ତପ୍ତ ପିଣ୍ଡ ହେବାରେ ଲାଗିଛି । ଏହାସହ ଗ୍ରୀନ୍ ହାଉସ୍ ଗ୍ୟାସ ମଧ୍ୟ କ୍ରମାଗତ ବୃଦ୍ଧି ହେବାରୁ ପୃଥିବୀର ହାରାହାରି ତାପମାତ୍ରା ବଢୁଛି। ଏହାତ ଆପଣ ଗ୍ରୀଷ୍ମ ଋତିରେ ଖରାର ପ୍ରକୋପ ଦେଖି ଜାଣି ପାରୁଥିବେ । ଏହି ବିଶ୍ୱ ତାପନ କାରଣରୁ ମେରୁ ଅଞ୍ଚଳରେ ଗଚ୍ଛିତ ଗ୍ଲେସିୟର ତରଳିବାରେ ଲାଗିଛି। ଯେଉଁଥିପାଇଁ କେବଳ ପୃଥିବୀର ଜଳ ଚକ୍ର ପ୍ରଭାବିତ ହେଉଛି ତାହା ନୁହେଁ, ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ଡାକି ଆଣୁଛି ବୋଲି ବୈଜ୍ଞାନିକମାନେ ସିଧା ସିଧା କହି ଦେଇଛନ୍ତି । ନିକଟରେ ପୁଣି ନାସାର ବୈଜ୍ଞାନିକ ମାନେ ସତର୍କ କରାଇ ଦେଇଛନ୍ତି ଯେ ଅଙ୍ଗାରକାମ୍ଳ ନିର୍ଗତ ଓ ପ୍ରଦୁଷଣ ଉପରେ ନିୟନ୍ତ୍ରଣ ନ ହେଲେ ପୃଥିବୀର ତାପମାତ୍ରା ବଢ଼ିବ ଆଉ ତାପମାତ୍ରା ବଢ଼ିବା ଦ୍ୱାରା ଗ୍ଲେସିୟର ତରଳିବା ନିଶ୍ଚିତ ଓ ଏହା ତରଳିବା ପରେ ସମୁଦ୍ର ଓ ସ୍ଥଳ ଭାଗ ରେ ତାଣ୍ଡବ ଲୀଳା କରିବ । ନାସାର ପ୍ରୋଜେକସନ ଟୁଲରେ ସମଗ୍ର ଦୁନିଆ ନକ୍ସା ପ୍ରସ୍ତୁତ କରି ଦର୍ଶାଇଛନ୍ତି ଯେ କେଉଁ ବର୍ଷ କେଉଁ ଦୁନିଆ ରେ ସମୁଦ୍ର ସ୍ଥଳ ବୃଦ୍ଧି ଘଟିବ । ବୈଜ୍ଞାନିକ ଏହା ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ ଏହିପରି ଯଦି ଗ୍ଲେସିୟର ତରଳିବ ତେବେ ଆମ ଭାରତର କିଛି ସହର ଅଢେଇ ଫୁଟ ସମୁଦ୍ର ଜଳରେ ଲିନ ହୋଇଯିବ ଓ ଏହାର କାରଣ ହଉଛି ଯେ ସେତେବେଳେକୁ ଗରମ ଏତେ ପରିମାଣ ରେ ବଢ଼ିବଯେ ଗ୍ଲାସିଅର ତରଳିବ ଓ ଏହା ତରଳିବା ଦ୍ୱାରା ସମୁଦ୍ର ଜଳସ୍ତର ବଢ଼ିବ ଓ ଏହା ଫଳ ରେ କିଛି ସହର ଜଳମଗ୍ନ ହୋଇଯିବ ।

ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି। ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲେସିୟର କୁହାଯାଏ। ୧୯୨ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି। ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ସର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି। ଆର୍ଥ ଓ ପରିବେଶ ପତ୍ରିକାରେ ପ୍ରକାଶିତ ଆଲଫ୍ରେଡ ୱେଗର୍ନ ଇନଷ୍ଟିଚ୍ୟୁଟ ତଥା ଇଡଓ ର ଅଧ୍ୟୟନର ମୁଖ୍ୟ ଲେଖକ ତଥା ଜିଓଫିଜିକ କହିଛନ୍ତି ଯେ ସେମାନଙ୍କ ମାପରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓଟର୍ମାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟର ତରଳିବାର ହାର ବଢ଼ାଇପାରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ। ଏହା ବ୍ୟତୀତ, ଏହି ଗ୍ଲେସିୟର ପଶ୍ଚିମ ଆଣ୍ଟାର୍କଟିକାର ମୁଖ୍ୟ ଅଞ୍ଚଳରେ ପଡେ, ଯେଉଁ କାରଣରୁ ଏଠାରେ ସମୁଦ୍ରର ଉଷ୍ମ ଓ ଲୁଣିଆ ସ୍ରୋତର ପ୍ରଭାବ ବରଫକୁ ଶୀଘ୍ର ତରଳିପାରେ। ଧ୍ୱଂସ କରିବାର କ୍ଷମତା ହେତୁ ଏହାର ନାମ ଡୁମସଡେ ଗ୍ଲାଇସର ରଖାଯାଇଛି। ଏକ ରିପୋର୍ଟ ଅନୁଯାୟୀ ୧୯୮୦ ଦଶକରୁ ଏଯାବତ ଏହି ଗ୍ଲେସିୟର ୫୯୫ବିଲିୟନ ଟନ ବରଫ ହରାଇଛି। ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି। ଆମର ବୈଜ୍ଞାନିକମାନେ ମଧ୍ୟ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଖୋଜୁଛନ୍ତି। ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ।

ନିକଟରେ କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଗ୍ଲେସିୟର ଭିତରେ ବହୁ ପରିମାଣର ଅଜ୍ଞାତ ଭାଇରସ୍ ଲୁଚି ରହିଛନ୍ତି, ଯାହା ଗ୍ଲେସିୟର ତରଳିବା ପରେ ପୁନଃ ସକ୍ରିୟ ହୋଇ ପୃଥିବୀରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିପାରନ୍ତି। ନିକଟରେ ଆମେରିକୀୟ ବୈଜ୍ଞାନିକମାନଙ୍କର ଏକ ଦଳ ତିବ୍ବତକୁ ଯାଇ ଗ୍ଲାସିଅର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ବିଷୟରେ ଅନୁସନ୍ଧାନ କରିଥିଲେ। ସେମାନେ ସେଠାରୁ ସଂଗ୍ରହ କରିଥିବା ନମୁନାରୁ ଜଣାପଡିଛି ଯେ, ସେଥିରେ ୨୮ ପ୍ରକାରର ଜୀବନ୍ତ ଜୀବାଣୁ ରହିଥିଲା, ଯାହାକି ୧୫ ହଜାର ବର୍ଷ ଧରି ବରଫ ତଳେ ପୋତି ହୋଇ ରହିଥିଲେ। ବୈଜ୍ଞାନିକମାନେ ଏହା ମଧ୍ୟ କହିଛନ୍ତି ଯେ ଏହା ଅତ୍ୟନ୍ତ ବିପଜ୍ଜନକ ଜୀବାଣୁ । ଯାହା କି ଭିନ୍ନ ଭିନ୍ନ ଜଳବାୟୁରେ ବଞ୍ଚିବାକୁ ସକ୍ଷମ ଅଟନ୍ତି । ଏପରି ପରିସ୍ଥିତିରେ ଯଦି ସେମାନେ ଭବିଷ୍ୟତରେ ସକ୍ରିୟ ହୁଅନ୍ତି, ତେବେ ଫଳାଫଳ ବହୁତ ଭୟଙ୍କର ହେବ। ଏହା କରୋନା ମହାମାରୀଠାରୁ ଅତ୍ୟନ୍ତ ଭୟଙ୍କର ହେବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇପାରେ। ମଣିଷ ସମାଜ ବର୍ତ୍ତମାନ ସେହି ଜୀବାଣୁ ସହ ଲଢିବାକୁ ସକ୍ଷମ ନୁହେଁ ବୋଲି ଅନୁସନ୍ଧାନକାରୀ ଦଳ ପକ୍ଷରୁ କୁହାଯାଇଛି। ଅନୁସନ୍ଧାନକାରୀମାନେ ଏହା ମଧ ଜଣାଇଛନ୍ତି ଯେ, ଏବେ ଆଣ୍ଟାର୍କଟିକାର ଗ୍ଲେସିୟର ପୂର୍ବ ଅପେକ୍ଷା ବହୁତ ଦ୍ରୁତ ଗତିରେ ତରଳିବାରେ ଲାଗିଛି । ସେହି ଗ୍ଲେସିୟରରେ ମଧ ଅନେକ ଭାଇରସ୍ ଲୁଚି ରହିଛି, ଯାହା ଭବିଷ୍ୟତରେ ପୃଥିବୀରେ ଏକ ଭୟଙ୍କର ମହାମାରୀ ଆଣିପାରେ । ନିକଟରେ କିଛି ମାସ ପୂର୍ବରୁ ଉତ୍ତରାଖଣ୍ଡର ଚାମୋଲିରେ ଗ୍ଲେସିୟର ତରଳି ଭାଙ୍ଗିବାର ଖବର ଆସିଥିଲା । ଭାରତର ଏହି ଅଞ୍ଚଳରେ ବହୁତ ଗ୍ଲେସିର୍ ଅଛି ଏବଂ ପରିବେଶବିତଙ୍କ ଅନୁଯାୟୀ କ୍ରମାଗତ ତାପମାତ୍ରା ବୃଦ୍ଧି ହେତୁ ସେଗୁଡ଼ିକର ତରଳିବାର ଗତି ପୂର୍ବ ଅପେକ୍ଷା ବହୁତ ତୀବ୍ର ହୋଇଛି । ଏହି ପରିସ୍ଥିତିରେ ବରଫ ତରଳିବା କାରଣରୁ ଗ୍ଲେସିୟର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ନଦୀରେ ଦେଖିବାକୁ ମିଳିପାରେ ଏବଂ ସେହି ମାରାତ୍ମକ ଜୀବାଣୁଗୁଡିକ ନଦୀ ସାହାଯ୍ୟରେ ସାରା ଦେଶରେ ବ୍ୟାପିବାର ସମ୍ଭାବନା ରହିଛି, ଯେଉଁ କାରଣରୁ ଭାରତରେ ଏକ ଗୁରୁତର ମହାମାରୀ ଜନ୍ମ ହୋଇପାରେ। ତେଣୁ ଏଥିପାଇଁ ସମସ୍ତଙ୍କୁ ସଜାଗ ରହିବା ଦରକାର। ପୃଥିବୀର ତାପମାତ୍ରା କିପରି ହ୍ରାସ ପାଇବ ଆଉ ଗ୍ଲେସିୟର ତରଳିବାକୁ ରୋକାଯାଇ ପାରିବ ସେଥିପ୍ରତି ବିଶ୍ୱ ଏକ ହବା ଦରକାର, ନୋହିଲେ ଖୁବ୍ ନିକଟରେ ପୃଥିବୀକୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିବ।


❤ ଅରଙ୍ଗାବାଦ,
ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦





### ଗୀତ ପଛର କାହାଣୀ



**ଦିବାକର ନାୟକ**

ମୋ ଗୀତ ପଛର ଅକୁହା କାହାଣୀ
ଗୋଟି ଗୋଟି ଆଜି ପଡୁଛି ମନେ
ହୃଦୟରୁ ଝରା ଲହୁର କାଳିରେ
ଲେଖିଥିଲି ପ୍ରୀତି-କଲମ ମୁନେ ।।

ଅନୁଢା ତରୁର ନବ କିଶଳୟ
କଅଁଳ ବଉଳ ପେନ୍ଥା
ଶାଖାରେ ଶାଖାରେ ଗନ୍ଧ-ଗଜରା
କୁଆଁରୀ-କୁସୁମେ ଗୁନ୍ଥା

ମୋର ସାତ ଦିନ ସାତ ସୁର ହୋଇ
ଝରି ପଡୁଥିଲା କୁହୁକ ତାନେ..
ମୋ ଗୀତ ପଛର ଅକୁହା କାହାଣୀ
ଗୋଟି ଗୋଟି ଆଜି ପଡୁଛି ମନେ ।।

ଆଦ୍ୟ ଯଉବନ ନହୁଲୀ ନଦୀରେ
ପାହାନ୍ତି ସିନାନ ସୁଖ
ସ୍ମୃତିର ସଲୀଳେ ପଦ୍ମିନୀକଳିକା
ପଖାଳିଛି ବାସିମୁଖ

ଭାବ ପ୍ରବଣର ପ୍ରଣୟ-ଆସର
କଡ଼ ଲେଉଟାଏ ଆଜି ଗୋପନେ..
ମୋ ଗୀତ ପଛର ଅକୁହା କାହାଣୀ
ଗୋଟି ଗୋଟି ଆଜି ପଡୁଛି ମନେ ।।


❤ ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧


### ଛାଇ

**ଜନ୍ମେଜୟ ପଣ୍ଡା**

କେବେ ସେ ଆଗକୁ ଚାଲିଯାଏ
କେବେ ମୁଁ ଆଗକୁ ଚାଲିଯାଏ
କେବେ ସେ ମୋ ହାତ ଧରିନିଏ
କେବେ ମୁଁ ତା ହାତ ଧରିନିଏ
ଏମିତି ଚାଲିଥାଏ ଛକାପଞ୍ଝା
ଆମ ଦୁହିଁଙ୍କ ଭିତରେ ।

ମୋ କାୟାରେ ପ୍ରବେଶିବାକୁ,
ତାକୁ ଅପେକ୍ଷା କରିବାକୁ ହୁଏ
ମଧ୍ୟାହ୍ନ ପର୍ଯ୍ୟନ୍ତ ।

ବେଳେବେଳେ ସେ
ରାକ୍ଷସ ପାଲଟି ଯାଏ
ଗିଳିପକାଏ ମତେ
ଜଙ୍ଗଲୀ ଅଜଗର ପରି ।

ପୁଣି ବେଳେବେଳେ ଡର ମାଡ଼େ
କାଳେ ସେ ଘୃଣା କରିବ
ମୋ ପାପପୂଣ୍ୟର ଗୁପ୍ତ ହିସାବ କରୁଥିବ
ଆଉ ନଇଁ ପଡୁ ପଡୁ ବିଧାଏ ମାରିବ ।

ତାର କିନ୍ତୁ ଫରକ ପଡ଼େନା କିଛି
ସେ ଚାଲୁଥାଏ ମୋ ସହ ସେମିତି
ନିର୍ଲଜଙ୍କ ପରି
ହାତଟିକୁ ଜାବୁଡ଼ି ଧରି,
ଠିକଯେମିତି ମେଳା ଦେଖିବାକୁ ଯାଇଥିବା
କୁନି ପିଲାଟି
ଧରିଥାଏ ତା ବାପାଙ୍କର ହାତକୁ
ଆଉ ପାଦରେ ପାଦ ମିଶେଇବାକୁ ଚେଷ୍ଟା
କରି ବି
ବାରମ୍ବାର ବିଫଳ ହେଉଥାଏ ।

ସେ ମୋହାତୀତ
ମୁଁ ମୋହାଛନ୍ନ, ସେ ସ୍ଥିତପ୍ରଜ୍ଞ
ମୁଁ ଉଦବିଗ୍ନ ।

ମୋର 'ମୁଁ' ଅଛି
ତାର 'ମୁଁ' ନାହିଁ
ମୁଁ ଆପଣାଲୋକଙ୍କୁ ପର କରିକି ନିଃସ୍ୱ
ଆଉ ସେ ପର ଲୋକଙ୍କୁ
ଆପଣେଇକି ନିଃଶେଷ ।ଓ


❤ ଗ୍ରା /ପୋ.- ଦାଶରଥି ପୁର
ଭାୟା - ବଡମ୍ବା
ଜିଲ୍ଲା - କଟକ
ପିନ - ୭୫୪୦୩୧
ମୋ: ୭୦୦୮୭୫୨୬୩୧


### ସ୍ୱାସ୍ଥ୍ୟ ଓ ସ୍ୱରାଜ

**ଯୋଗୀ କୃପାସିନ୍ଧୁ ମୁନି**



ବୃନ୍ଦାବନେ କେ ବଂଶୀ ବଜାଇଲା ।
(ବୃତ୍ତେ)
ସଦ୍‌ଗୁରୁ ବାକ୍ୟ ପାଳନ ପାଇଁ
ସାଧନାରେ ମନ ସମର୍ପି ଦେଇ ।
ଘୋଷା ।
ସ୍ୱ ମାନେ ନିଜକୁ ନିଜେ
ଦ୍ରଷ୍ଟା ଭାବେ ସେ ବିରାଜେ
ସକଳ ସୃଷ୍ଟିର ଆଧାର ସେହି ।
ନ କରେ ସେ ଅବସ୍ଥାନ
ରାମ କୃଷ୍ଣ ରୂପେ ଜାଣ
ନିଜ ରୂପେ ଅବସ୍ଥାନ କରଇ ।
ନିଜ ସ୍ୱଭାବିକ ରୂପ
ଆନନ୍ଦମୟ ସ୍ୱରୂପ
ଆନନ୍ଦମୟ ରୂପେ ବିରାଜଇ ।
ଆତ୍ମା ହିଁ ନିଜ ସ୍ୱରୂପ
ଶୁଦ୍ଧ ବୁଦ୍ଧ ସେ ପବିତ୍ର
ସର୍ବ ହୃଦୟରେ ବାସ ତାଙ୍କରି ।
କହେ କୃପାସିନ୍ଧୁ ଭାଇ
ସଦ୍‌ଗୁରୁ ପଦେ ଧ୍ୟାଇ
ନିରୋଗ ସ୍ୱାସ୍ଥ୍ୟ ସ୍ୱ ରଜରେ ରହି ।


❤ ଜୁଣବଳଦା, ଗୁଡ଼ିଖାଳ ଆଶ୍ରମ,
ବାଲେଶ୍ୱର


### ଜୀବନ ରେଖା

**ନିରଞ୍ଜନ ସାହୁ**



ମୁଁ ଇତିହାସ ରଚିବାକୁ ଚାହେଁନା
କି ଇତିହାସର ମୋଡ଼ ବଦଳାଇବାର
କ୍ଷମତା ମୋର ନାହିଁ ।

ମୁଁ ସାଧାରଣ ମଣିଷଟିଏ
ଖାଏ, ପିଏ, ଶୁଏ
ଖେଳେ, ନାଚେ, ଗୀତଗାଏ
ଆଉ ବଞ୍ଚିବା ପାଇଁ
ଜୀବନ ସଂଗ୍ରାମ କରେ ।

ମୁଁ ସବୁ ଦେଖେ
ଭୁଲ କହିଲି ବୋଧେ
ହଁ, ଦେଖିବାର ଅଭିନୟ କରୁଥାଏ
ସବୁକିଛି ଦେଖି ନ ଦେଖିବା ପରି ।

ଏପରି ଭେଲେକା ପରି ଦେଖିବାର
ମାନେଟା କ'ଣ ହୋଇପାରେ ??

ମୁଁ ସବୁ ଜାଣେ
ମାତ୍ର ଜାଣିଶୁଣି ନ ଜାଣିବାର
ଅଭିନୟ କରୁଥାଏ
ଠିକ କାନ ଥାଇ ବି
ବଧିର ପରି ହୋଇ ।

ମୁଁ ଦୁନିଆକୁ କହୁଥାଏ
'ମୁଁ କିଛି ଜାଣେନା'
ମାତ୍ର ସବୁ ଜାଣିଥାଏ ।

ବେଲାଳସେନ ପରି
ନିଷ୍କପଟ ମନରେ ମୁହଁ ଖୋଲି
ସତ୍ୟ ପ୍ରକାଶ କରିପାରେନା ମୁଁ ।

କାରଣ
ମୋତେ ଆଚ୍ଛନ୍ନ କରି ପକାଉଥାଏ
ଭୟଙ୍କର ଭୟ
ଜୀବନ ଜୀଇଁବାର ଲାଳସା
ମୋତେ ଟାଣି ଆଣୁଥାଏ
ସତ୍ୟର ସୂର୍ଯ୍ୟ ସାମ୍ନାରୁ
ଅସତ୍ୟର ଅନ୍ଧାରକୁ ।

ପ୍ରାଣ ଥାଇ ବି
ମୁଁ ନିଷ୍ପ୍ରାଣ ପରି ବଞ୍ଚିଥାଏ
ଆଉ ନିଜ ଭିତରେ ମୁଁ
କେତେବେଳେ ମରି ଯାଇଥାଏ
ତାହା ଜାଣିବାର ଅବକାଶ ବି
ନ ଥାଏ ମୋ ପାଖରେ ।


❤ ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ: ୯୯୩୮୭୪୧୫୮୩




# ସୋଶାଲ ମିଡିଆରେ ଲଗାଇଲେ ନିଆଁ

## ଟୁ ପିସ୍‌ରେ ସମନ୍ଥା



ନୂଆ ଲୁକ୍‌ରେ ସାଉଥ ସୁନ୍ଦରୀ ସମନ୍ଥା ରୁଥ ପ୍ରଭୁ । ନାଗା ଚୈତନ୍ୟଙ୍କ ଠାରୁ ଛାଡପତ୍ର ପରେ ସେ ପୁଣି ଥରେ ଏବେ ଚର୍ଚ୍ଚାକୁ ଆସିଛନ୍ତି । କିଛି ଦିନର ବିରତି ପରେ ସେ ପୁଣି ଥରେ ସୋଶାଲ ମିଡିଆରେ ହୋଇଛନ୍ତି ଆକ୍ଟିଭ । ଆଉ ଦେଖାଇଛନ୍ତି ନିଜର ଅଲ୍ଟ୍ରା ଗ୍ଲାମ୍ ଲୁକ୍ । ନିଜର ହଟ୍ ଅନ୍ଦାଜ ସହ ଟୁ ପିସ୍‌ରେ ସୋଶାଲ ମିଡିଆରେ ନିଆଁ ଲଗାଇ ଦେଇଛନ୍ତି ।

ସମନ୍ଥା ବର୍ତ୍ତମାନ ନିଜର ଦମଦାର ଅଭିନୟ ଏବଂ ନୂଆ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏହାରି ଭିତରେ ସମନ୍ଥା ଏକ ବିଜ୍ଞାପନର ସୁଟିଂ କରିଛନ୍ତି । ଏଥିରେ ତାଙ୍କୁ ପୂରାପୁରି ନୂଆ ଅବତାରରେ ଦେଖିବାକୁ ମିଳିଛି । ସେ ନିଜର ଅଲ୍ଟ୍ରା ଗ୍ଲାମ ଅବତାର ଦେଖାଇଛନ୍ତି । ଫ୍ୟାନ୍‌ମାନେ ସମନ୍ଥାଙ୍କ ଏଭଳି ଗ୍ଲାମରସ ଅବତର ଦେଇ ଆଶ୍ଚର୍ଯ୍ୟ ହୋଇପଡିଛନ୍ତି ।

ପୁଷ୍ପା ଫେମ୍ ସମନ୍ଥା ଏକ ପାନୀୟ କମ୍ପାନୀ ପାଇଁ ଏହି ବିଜ୍ଞାପନ ସୁଟିଂ କରିଥିଲେ । ଏହି ସୁଟିଂ ବେଳର ଭିଡିଓକୁ ସମନ୍ଥା ନିଜେ ତାଙ୍କ ଇନଷ୍ଟାଗ୍ରାମରେ ଶେଆର କରିଛନ୍ତି । ଡ୍ୟାନ୍ସ ବ୍ୟାଟେଲରେ ଯୋଗ ଦିଅନ୍ତୁ । ସାରା ବିଶ୍ୱକୁ ଦେଖାନ୍ତୁ ଯେ ଆପଣ କେଉଁମାଟିରେ ଗଢ଼ା ଆଉ ଆପଣ କ'ଣ କରିପାରନ୍ତି ।'

ଫ୍ୟାନ୍‌ମାନଙ୍କୁ ସମନ୍ଥାଙ୍କ ଏହି ଲୁକ୍ ବେଶ ପସନ୍ଦ ଆସୁଛି । ତାଙ୍କର ଏହି ଟୁ ପିସ୍‌ର ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ସମନ୍ତା ଦୁଇଟି ଆଉଟ୍‌ଫିଟ୍‌ରେ ନଜର ଆସିଛନ୍ତି । ପ୍ରଥମେ ସେ ଧଳା ରଙ୍ଗର କର୍ସେଟ୍ ଟପ୍ ଏବଂ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଦ୍ୱିତୀୟରେ ସେ ନାଲି ରଙ୍ଗର ଅଫ୍ ସୋଲ୍ଡର ବ୍ରା ଏବଂ କଳା ରଙ୍ଗର ଲେଦର ପ୍ୟାଣ୍ଟରେ ନଜର ଆସିଛନ୍ତି ।

ଲଗାତାର ଫ୍ୟାନ୍‌ମାନେ ସମନ୍ଥାଙ୍କ ଏହି ଭିଡିଓରେ କମେଣ୍ଟ ଉପରେ କମେଣ୍ଟ କରିଚାଲିଛନ୍ତି । ଜଣେ ଫ୍ୟାନ୍ ଲେଖିଛନ୍ତି, ମାଡାମ୍, ଆପଣ ବହୁତ କ୍ୟୁଟ୍ ଲାଗୁଛନ୍ତି, ଏଭଳି ହିଁ ଖୁସିରେ ରୁହନ୍ତୁ । ଆମେ ଆପଣଙ୍କ ସହ ଅଛୁ । ଆଉ କିଛି ସମନ୍ଥାଙ୍କୁ କୁଇନ୍ ବୋଲି କହିଛନ୍ତି ।

ବର୍ତ୍ତମାନ ସମନ୍ଥା ହାଇଦ୍ରାବାଦରେ ନିଜ ଅପକମିଂ ଫିଲ୍ମ 'ଯଶୋଦା'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଅଭିନେତା ନାଗା ଚୈତନ୍ୟଙ୍କ ସହ ଛାଡପତ୍ର ପରେ ସମନ୍ଥା ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛନ୍ତି ।

## 'ବାହୁବଳୀ' ଓ 'ରାଧେଶ୍ୟାମ'ର ନାୟକ ପ୍ରଭାସଙ୍କ ବିବାହ ପାଇଁ ପ୍ରୟାସ



'ବାହୁବଳୀ' ଓ 'ରାଧେଶ୍ୟାମ'ର ନାୟକ ପ୍ରଭାସ କୁଆଡ଼େ ବାହା ହେବେ ! ବିବାହ କ'ଣ ଗଛରେ ଫଳିଛି । କଥାରେ ଅଛି ପରା 'ବିବାହ ସ୍ୱର୍ଗରେ ହୁଏ' । ଆଜି ନୁହେଁ, ଏହା ଭିତରେ ତ କିଛିବର୍ଷ ବିତିଗଲାଣି । ହେଲେ ପ୍ରଭାସ ନିଜ ମା'ଙ୍କୁ କହିଥିଲେ 'ବାହୁବଳୀ' ପରେ ମୁଁ ବାହାହେବି । ଏମିତିରେ ତ ଚଳଚ୍ଚିତ୍ର 'ରାଧେଶ୍ୟାମ'ରେ ପ୍ରଭାସ ଜଣେ ହସ୍ତରେଖା ବିଶାରଦ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି । ଉକ୍ତ କାହାଣୀରେ ସେ ଯେତେଜଣଙ୍କ ହାତ ଦେଖି ବିବାହର ଭବିଷ୍ୟବାଣୀ ଦେଇଛନ୍ତି, ସେମାନେ ସମସ୍ତେ ଅକୃତକାର୍ଯ୍ୟ ହେଇଛନ୍ତି । ତେବେ ବାହୁବଳୀଙ୍କ ବିବାହକୁ ନେଇ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅପେକ୍ଷା କରିଛନ୍ତି । ସମସ୍ତଙ୍କ ଭିତରେ ଭରପୂର ଉତ୍କଣ୍ଠା ଯେ ବାହୁବଳୀ କେବେ ଓ କାହାକୁ ବାହା ହେବେ ।

ପ୍ରଭାସ କହିଛନ୍ତି- 'ପ୍ରେମ ସମ୍ପର୍କରେ ମୁଁ କହୁଥିବା କଥା ଭୁଲ ହେଇଯାଏ ବୋଲି ସମ୍ଭବତଃ ମୁଁ ଆଜିଯାଏ ବିବାହ କରିପାରିଲିନି । ମୋ ମା' ମୋତେ କେତେଥର ବିବାହ ବନ୍ଧନରେ ଯୋଡ଼ି ହେଇଯା' ବୋଲି କହିଲେଣି, ହେଲେ ମୋ ପାଇଁ ସେମିତି ସୁଯୋଗ ଆସିନାହିଁ । 'ବାହୁବଳୀ' ବେଳେ ମୁଁ ମା'ଙ୍କୁ ବୁଝେଇ ଦେଇଥିଲି ଯେ ସିନେମାଟି ସରିଯାଉ, ମୁଁ ବିବାହ କଥା ଚିନ୍ତା କରିବି । ଏବେ ମୋ ମା' ମୋତେ ଅଥୟ କରିଦେଲେଣି । ମୁଁ କହୁଛି, ଅପେକ୍ଷା କର, ସମୟ ଆସିଲେ ସବୁ ଠିକ୍ ହେଇଯିବ ! ହେଲେ ସେ ଆଦୌ ବୁଝୁନାହାନ୍ତି, ତାଙ୍କର ଏକାନ୍ତ ଜିଦି-ତୁ ବାହା ହୁଅ ।' ୧୯୭୦ର ଉପନ୍ୟାସକୁ ନେଇ ଏବେ ଚାଲିଛି ପ୍ରଭାସଙ୍କ ଅଭିନୀତ ବହୁଭାଷୀ ଚଳଚ୍ଚିତ୍ର 'ରାଧେଶ୍ୟାମ' । ଏଥିରେ ପ୍ରଭାସଙ୍କ ବିପକ୍ଷର ନାୟିକା ସାଜିଛନ୍ତି ପୂଜା ହେଗ୍‌ଡେ । ୟୁଭି କ୍ରିଏଟିଭ୍ ପ୍ରଡକ୍ସନ୍ ଦ୍ୱାରା ନିର୍ମିତ 'ରାଧେଶ୍ୟାମ'ର ନିର୍ଦ୍ଦେଶନା ଦେଇଛନ୍ତି ରାଧା କ୍ରିଷ୍ଣ କୁମାର ଏବଂ ସମ୍ପାଦନା କରୁଛନ୍ତି କୋଟଗିରି ଭେଙ୍କଟେଶ୍ୱର ରାଓ । ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ଭୂଷଣ କୁମାର, ଭାଷ୍କୀ ଓ ପ୍ରମୋଦ । ଲାଗୁଛି 'ରାଧେଶ୍ୟାମ'ର ରିଲିଜ୍ ପରେ ପ୍ରଭାସ ବିବାହ କରିବେ ।

## ଏଣିକି ପ୍ରତି ବର୍ଷ ପାଳିତ ହେବ 'ସୁଶାନ୍ତ ମୁନ୍ ଡେ'

ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ମିଳିଛି ବର୍ଥଡେ ଗିଫ୍ଟ । ଏଣିକି ସୁଶାନ୍ତଙ୍କ ଜନ୍ମଦିନ ଜାନୁଆରୀ ୨୧ ତାରିଖ 'ସୁଶାନ୍ତ ମୁନ୍ ଡେ' ରୂପେ ସେଲିବ୍ରିଟ କରାଯିବ । ମୃତ୍ୟୁ ପରେ ବି ସୁଶାନ୍ତଙ୍କୁ ଏପରି ଗିଫ୍ଟ ଦେଇଛି ଯୁକ୍ତରାଷ୍ଟ୍ର ଆମେରିକାର ଲୁନର ସୋଶାଇଟି । ଅନ୍ତରୀକ୍ଷ ପ୍ରତି ସୁଶାନ୍ତଙ୍କ ଭଲପାଇବାକୁ ମନେ ପକାଇ ନିଆଯାଇଛି ଏପରି ପଦକ୍ଷେପ । ଅଭିନୟ ସହ ଅନ୍ତରୀକ୍ଷ ପ୍ରତି ସୁଶାନ୍ତଙ୍କର ଥିଲା ଅହେତୁକ ଦୁର୍ବଳତା । ଏପରିକି ସେ ଗ୍ରହ ନକ୍ଷତ୍ରଙ୍କ ବିଷୟରେ ବହୁ ବହି ପଢୁଥିବା ବେଳେ ଜହ୍ନରେ ଜାଗା ବି କିଣି ଦେଇଥିଲେ । ଏପରିକି ନିଜ ଜାଗାକୁ ଦେଖିବାକୁ ଏକ ବହୁମୂଲ୍ୟର ଦୂରବିକ୍ଷଣ ଯନ୍ତ୍ର କିଣି ନିଜ ଘରେ ରଖିଥିଲେ । ହେଲେ ସବୁ କିଛି ଠିକ୍ ଚାଲିଥିବା ବେଳେ ଘଟିଲା ଅଘଟଣ ।



୨୦୨୦ ଜୁନ୍ ୧୪ରେ ନିଜ ଘରୁ ସୁଶାନ୍ତଙ୍କ ମୃତଦେହ ମିଳିଥିଲା । ଯାହାକି ତାଙ୍କ ଫ୍ୟାନ୍ସଙ୍କୁ ଖୁବ୍ ଧକ୍କା ଦେଇଥିଲା । ମୃତ୍ୟୁ ପୂର୍ବରୁ ଅନ୍ତରୀକ୍ଷ ଉପରେ ପର୍ଯ୍ୟବେଷିତ ଏକ ଫିଲ୍ମ 'ଚନ୍ଦା ମାମା ଦୂର କେ'ରେ ମେନ୍ ଲିଡ ପ୍ଲେ କରିବା ନିମନ୍ତେ ସୁଶାନ୍ତଙ୍କ ନାଁ ଫାଇନାଲ ହୋଇଥିଲା । ଏଥିନିମନ୍ତେ ସେ ଖୁବ୍ ଉତ୍ସାହିତ ଥିବା ସହ ଆମେରିକା ବି ଯାଇଥିଲେ । ହେଲେ ଏହା ପୂର୍ବରୁ ଘଟିଲା ଅଘଟଣ । ସୁଶାନ୍ତଙ୍କ ମୃତ୍ୟୁ ପରେ ଅନ୍ତରୀକ୍ଷ ପ୍ରତି ତାଙ୍କ ଭଲ ପାଇବାକୁ ମନେ ପକାଇ ଆମେରିକାର ଲୁନର ଇଣ୍ଟରନ୍ୟାସନାଲ ତାଙ୍କ ଜନ୍ମ ଦିନକୁ 'ସୁଶାନ୍ତ ମୁନ୍ ଡେ' ରୂପେ ପାଳନ କରିବ ବୋଲି ନିଜ ସୋଶାଲ ମିଡିଆ ସାଇଟ୍‌ରେ ଘୋଷଣା କରିଛି ।

## କାର୍ତ୍ତିକ-କୃତିଙ୍କ ନୂଆ ସିନେମା 'ଶେହଜାଦା'



ସୁଟିଂ ଅଧାରୁ ଅଟକିଥିବା ବଲିଉଡ୍‌ର ନୂଆ ସିନେମା 'ଶେହଜାଦା'ର ପରବର୍ତ୍ତୀ ସୁଟିଂ ତାରିଖ ଘୋଷଣା ପରେ କାହାଣୀର ନାୟକ କାର୍ତ୍ତିକ ଆର୍ଯ୍ୟାନ୍ ଓ ନାୟିକା କୃତି ସାନନ୍ ବେଶ୍ ଉତ୍ସାହିତ ହେଇଛନ୍ତି । ୨୦୧୯ ମାର୍ଚ୍ଚ ମାସରେ ଉଭୟଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର 'ଲୁକା ଚୁପି' ମୁକ୍ତିଲାଭ କରିବା ପରେ ଦର୍ଶକ ଉଭୟଙ୍କ କେମିଷ୍ଟ୍ରି ଏବଂ ଅଭିନୟକୁ ମଧ ଗ୍ରହଣ କରିଥିଲେ । ଏପରିକି କାର୍ତ୍ତିକ-କୃତି 'ଯୋଡ଼ି ଜିନ୍ଦାବାଦ'ର ନାରା ଦେଇଥିଲେ । ଏବେ ଏ ଦୁଇଜଣ ପୁଣି ଏକ ଚଳଚ୍ଚିତ୍ର କାହାଣୀର ପ୍ରେମୀଯୋଡ଼ି ସାଜୁଥିବାରୁ ଉଭୟଙ୍କ ପ୍ରଶଂସକମାନେ ସିନେମାଟି ଦେଖିବାକୁ ଏବେଠାରୁ ଗୋଡ଼କାଡ଼ି ବସିଲେଣି । କାର୍ତ୍ତିକ ଓ କୃତି ନିଜର ସୋସିଆଲ ମିଡିଆରେ ଉଭୟଙ୍କ କ୍ଲୋଜ୍‌ଅପ୍ ଫଟୋ ପୋଷ୍ଟ କରି ପରସ୍ପରକୁ ବଧାଇ ଜଣେଇଛନ୍ତି । 'ଶେହଜାଦା' ହେଉଛି ଆଲୁ ଅର୍ଜୁନ୍ ଓ ପୂଜା ହେଗ୍‌ଡେଙ୍କ ଅଭିନୀତ ଦକ୍ଷିଣୀ ଚଳଚ୍ଚିତ୍ର 'ଆଲା ବୈକୁଣ୍ଠପୁରମଲୋ'ର ରିମେକ୍ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ଧାୱନ୍ । ସିନେମାଟି ଚଳିତ ବର୍ଷ ନଭେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ସୂଚନା ମିଳିଛି ।

## ଶାଶୁଙ୍କ କୋଳରେ ଚିକିନି ଚମେଲି

ଶାଶୁ କୋଳରେ ହସୁଛି ବୋହୂ । ନିଜ ଶାଶୁଙ୍କ କୋଳରେ ବସି ମନଖୋଲା ହସ ହସୁଛନ୍ତି ଚିକିନି ଚମେଲି କ୍ୟାଟ୍ରିନା କୈଫ କୌଶଲ । ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗତକାଲି ଭିକି କୌଶଲ ଏହି ଫଟୋ ପୋଷ୍ଟ କରିଥିବା ବେଳେ କ୍ୟାପସନ୍‌ରେ 'ମେରି ତାକତ, ମେରୁ ଦୁନିଆ' ବୋଲି ଲେଖିଛନ୍ତି । ଗୋଟିଏ ଫ୍ରେମରେ ମା' ଓ ପତ୍ନୀଙ୍କ ଫଟୋ ପୋଷ୍ଟ କରି ବେଶ୍ ଖୁସିଥିବା ଭିକି ହାର୍ଟ ଇମୋଜି ଦେବାକୁ ବି ଭୁଲି ନାହାନ୍ତି । ଏହି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି ।

ଏକ ଲାଲ ପୋଷାକରେ ବିନା ମେକଅପ୍‌ରେ ମଧ କ୍ୟାଟ୍ରିନା ବେଶ୍ କ୍ୟୁଟ ଲାଗୁଥିବା ବେଳେ ଏକ ବ୍ଲୁ କଲର ସୁଟ୍‌ରେ ତାଙ୍କ ଶାଶୁ ବି କିଛି କମ୍ ଲାଗୁ ନାହାନ୍ତି । ଏହା ପୂର୍ବରୁ ମହିଳା ଦିବସ ଅବସରରେ କ୍ୟାଟ୍ରିନା ନିଜ ଭଉଣୀମାନଙ୍କର ଏକ ସୁନ୍ଦର ଫଟୋ ପୋଷ୍ଟ କରିଛନ୍ତି । କ୍ୟାଟ୍ରିନାଙ୍କର ସମୁଦାୟ ୬ ଭଉଣୀ ଅଛନ୍ତି ।



ଏହାର କ୍ୟାପସନ୍‌ରେ 'ବହୁତ ମହିଳାଙ୍କ ବିଶିଷ୍ଟ ଏକ ପରିବାର' ବୋଲି ଉଲ୍ଲେଖ କରିଛନ୍ତି ମିସେସ୍ କୌଶଲ । ଗତ ଡିସେମ୍ବର ୯ ତାରିଖରେ ରାଜସ୍ଥାନର ଏକ ଦୁର୍ଗରେ ଏକ ଭବ୍ୟ ସମାରୋହରେ ଭିକିଙ୍କ ହାତ ଧରିଥିଲେ କ୍ୟାଟ୍ରିନା । ଏହାପରେ ଉଭୟ ପତିପତ୍ନୀ ନିଜ ନିଜ ପ୍ରଫେଶନାଲ ଲାଇଫ୍‌ରେ ବ୍ୟସ୍ତ ଥିବା ସତ୍ତ୍ୱେ ମଝିରେ ମଝିରେ ନିଜ ଫଟୋ ଛାଡ଼ିବାକୁ ଭୁଲୁ ନାହାନ୍ତି ।

## 'କାଚା ବାଦାମ' ଗୀତର ଗାୟକ ଭୁବନ କ୍ଷମା ମାଗି କହିଲେ ଏଭଳି କଥା

'କାଚା ବାଦାମ' ଗୀତ ଗାଇ ରାତାରାତି ଇଣ୍ଟରନେଟରେ ଷ୍ଟାର ପାଲଟି ଥିବା ଭୁବନ ବାଦକର ତାଙ୍କ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି । ନିକଟରେ ଭୁବନ ବାଦକର ତାଙ୍କର ଏକ ବୟାନରେ କହିଥିଲେ ଯେ ସେ ବର୍ତ୍ତମାନ ଜଣେ ସୁପରଷ୍ଟାର ହୋଇଯାଇଛନ୍ତି, ତେଣୁ ସେ ଆଉ ବାଦାମ ବିକ୍ରି କରିବେ ନାହିଁ । ବର୍ତ୍ତମାନ ସେ ତାଙ୍କ ଏହି ବୟାନ ପାଇଁ କ୍ଷମା ମାଗିଛନ୍ତି ଏବଂ ପୁନର୍ବାର ବାଦାମ ବିକ୍ରି କରିବେ ବୋଲି କହିଛନ୍ତି । ଭୁବନ ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ । ସେ ଏକ କାର କିଣିଥିଲେ । ଆଉ ଏହି କାରକୁ ସେ ଚଲାଇବା ଶିଖୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଏହା ପରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି । ତାଙ୍କର ଏକ ନୂତନ ଗୀତ ମଧ ଆସୁଛି, ଏହି ଗୀତର ରେକର୍ଡ଼ିଂ ପର୍ଶ୍ଚିମବଙ୍ଗର ବୋଲପୁରର ଗୋଧୁଲି ଷ୍ଟୁଡିଓରେ କରାଯାଇଛି । ଯେଉଁଥିରେ ସେ ତାଙ୍କ ଦୁର୍ଘଟଣାର କାହାଣୀ ସାମ୍ନାକୁ ଆଣିଛନ୍ତି । ବିସିସିଆଇର ଅଧକ୍ଷ ସୌରଭ ଗାଙ୍ଗୁଲିଙ୍କ ଟେଲିଭିଜନ ସୋ' 'ଦାଦାଗିରି'କୁ ମଧ ଭୁବନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଯେଉଁଠାରେ ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା । ନିକଟରେ ସେ ଲୋକମାନଙ୍କ ଟାର୍ଗେଟରେ ଆସିଥିଲେ ଯେତେବେଳେ ସେ କହିଥିଲେ ଯେ ବର୍ତ୍ତମାନ ସେ ଜଣେ ସେଲିବ୍ରିଟି ହୋଇଛନ୍ତି, ତେଣୁ ସେ କଞ୍ଚା ବାଦାମ ବିକ୍ରୟ କରିବେ ନାହିଁ । ସମ୍ପ୍ରତି ସେ ଏହି ବୟାନ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି । ସେ କହିଛନ୍ତି, ' ଯେ ମୋତେ ଜଣା ନଥିଲା କି ସେଲିବ୍ରିଟିମାନଙ୍କ ସହିତ କ'ଣ ଘଟେ ଯଦି ଆବଶ୍ୟକ ହୁଏ ତେବେ ମୁଁ ପୁନର୍ବାର କଞ୍ଚା ବାଦାମ ବିକ୍ରି କରିବି । କାରଣ ସେଲିବ୍ରିଟିର ଅର୍ଥ କ'ଣ ମୁଁ ବୁଝି ନଥିଲି ଆଜି ସମସ୍ତେ ମୋ ସହିତ ଅଛନ୍ତି । ଯେଉଁ ଦିନ ଲୋକମାନେ ମୋତେ ଛାଡ଼ି ଚାଲିଯିବେ ମୁଁ ପୁନର୍ବାର ବାଦାମ ବିକ୍ରି କରିବି ।'

## ଦେଶୀ ଚାହାଣି, ବିଦେଶୀ ଠାଣି



ଶାଶ୍ୱତ ସୁଖ ପାଇଁ ବହୁଳତା କେବେ ମାନଦଣ୍ଡ ହୋଇନପାରେ । ଏ କଥାକୁ ଅକ୍ଷରେ ଅକ୍ଷରେ ପ୍ରମାଣ କରିଛନ୍ତି ମଡେଲ୍ ତଥା ସିନେ ନାୟିକା ଡାଏନା ପେଣ୍ଟି । ସାତ ବର୍ଷର ମଡେଲିଂ ଜୀବନ ପରେ ଅଭିନୟ ଦୁନିଆକୁ ପ୍ରବେଶ କରି ମାତ୍ର ଦଶ ବର୍ଷ ଭିତରେ ସେ ଯେତିକି ଲୋକପ୍ରିୟ ହୋଇପାରିଛନ୍ତି ତାହା ଅନେକ ଦୀର୍ଘକାଳୀନ ଅଭିନେତ୍ରୀଙ୍କ କ୍ଷେତ୍ରରେ ସମ୍ଭବ ହୋଇପାରିନି । ଏହି ଗୋଟିଏ ଦଶନ୍ଧିର ସିନେମା ଅଭିଜ୍ଞତା ଭିତରେ ସେ ପ୍ରଶଂସକମାନଙ୍କ ପାଖରେ ମାତ୍ର ଦଶଟି ଫିଲ୍ମ ପରଷି ଦେଇଥିଲେ ହେଁ ତାହା ଦ୍ୱାରା ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରି ପାରିଛନ୍ତି । ଏଥି ଯୋଗୁଁ ସେ ନଅ ନଅ ଥର ଜାତୀୟ ସ୍ତରୀୟ ସିନେ ପୁରସ୍କାର ପାଇଁ ମନୋନୀତ ହେବା ସହ ଦୁଇ ଥର ତାହା ହାସଲ କରିପାରିଛନ୍ତି ମଧ ।

ମୁମ୍ବାଇରେ ୧୯୮୫ ନଭେମ୍ବର ୨ ତାରିଖରେ ପାର୍ସୀ ପିତା ଓ କୋଙ୍କଣୀ ଖ୍ରିଷ୍ଟିଆନ୍ ମାତାଙ୍କ କୋଳ ମଣ୍ଡନ କରିଥିବା ଡାଏନା ଗଣ ଯୋଗାଯୋଗ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ବିଶେଷ କରି ମଡେଲିଂରେ ରୁଚି ରଖିଥିବା ଡାଏନା ବିଭିନ୍ନ ବିଜ୍ଞାପନ ସଂସ୍ଥାକୁ ନିଜର ଫଟୋ ପଠେଇ ପଠେଇ ଶେଷରେ ୨୦୦୫ରେ ବିଧିବଦ୍ଧ ଭାବେ ମଡେଲିଂ ଜୀବନ ଆରମ୍ଭ କରିଥିଲେ । ଭାରତର ବିଭିନ୍ନ ମଡେଲିଂ ସଂସ୍ଥାରେ କାମ କରି ଭାରତର କିଛି ନାମୀ ଫେସନ ପତ୍ରିକାର ପ୍ରଚ୍ଛଦ ମଣ୍ଡନ କରିଥିଲେ । ଏହାର ଦୁଇ ବର୍ଷ ପରେ ସେ ବିଭିନ୍ନ ଆନ୍ତର୍ଜାତିକସ୍ତରୀୟ ମଡେଲିଂ ସଂସ୍ଥାରେ କାମ କରିଥିଲେ । ତାଙ୍କର ସେହି ଦେଶୀ ଚେହେରାର ନିଆରା ଠାଣି ବିଦେଶୀ ବିଜ୍ଞାପନଗୁଡ଼ିକୁ ବେଶ ଖାପ ଖୁଆଇ ପାରିଥିବାରୁ ସେଥିରେ ସେ ଯଥେଷ୍ଟ ଲୋକପ୍ରିୟ ହୋଇପାରିଥିଲେ । ଏହି ଅବସରରେ ୨୦୦୮ରୁ ୨୦୧୧ ଯାଏ ତାଙ୍କୁ ହିନ୍ଦୀ ଫିଲ୍ମରେ ଅଭିନୟ କରିବା ପାଇଁ ମଉକା ମିଳିଥିଲେ ହେଁ ବିଜ୍ଞାପନରେ ବ୍ୟସ୍ତତା ଯୋଗୁଁ ସେ ତାହା ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ତେବେ ୨୦୧୨ରେ ତାଙ୍କର ହିନ୍ଦୀ ଫିଲ୍ମ ଜଗତ୍‌କୁ ପ୍ରଥମ ପଦାର୍ପଣ ହୋଇଥିଲା 'କକ୍‌ଟେଲ୍' ସିନେମାର ଜଣେ ସହଅଭିନେତ୍ରୀ ହିସାବରେ । ଏହି ପ୍ରଥମ ଆବିର୍ଭାବ ହିଁ ତାଙ୍କ ପାଇଁ ଯଥେଷ୍ଟ ସଫଳ ସାବ୍ୟସ୍ତ ହୋଇଥିଲା । ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବେ 'ଭଗ୍ ବିଉଟି ସମ୍ମାନ' ଓ 'ୟୁକେ ବଲିଉଡ୍ କସ୍ମୋପଲିଟାନ୍ ସମ୍ମାନ' ମିଳିବା ସହ ତାଙ୍କ ନାମକୁ ଶ୍ରେଷ୍ଠ ମନୋରଞ୍ଜନକାରୀ ତାରକା ଭାବେ 'ବିଗ୍ ଷ୍ଟାର ଏଣ୍ଟରଟେନମେଣ୍ଟ ସମ୍ମାନ' ପାଇଁ ସୁପାରିସ କରାଯାଇଥିଲା । ସେହିପରି ତାଙ୍କୁ ୨୦୧୩ ମସିହା ପାଇଁ 'ଗ୍ରାସିଆ ଫେସ ଅଫ୍ ଦି ଇଅର' ଆଖ୍ୟା ମିଳିବା ସହ ଟାଇମ୍‌ସ ପକ୍ଷରୁ ଭାରତର ଶ୍ରେଷ୍ଠ ଆକାଂକ୍ଷିତ ମହିଳାଙ୍କ ୨୫ ଜଣିଆ ତାଲିକାରେ ସ୍ଥାନ ଓ ଭାରତର ଶ୍ରେଷ୍ଠ ଭରସାଯୋଗ୍ୟା ନବାଗତାଙ୍କ ୧୦ ଜଣିଆ ତାଲିକାରେ ସ୍ଥାନ ମିଳିଥିଲା । ଏହାପରେ ଦୀର୍ଘ ୪ ବର୍ଷର ନିରବତା ପରେ ୨୦୧୬ରେ ମୁକ୍ତିଲାଭ କରିଥିବା 'ହାପି ଭାଗ ଜାୟେଗି' ଓ ୨୦୧୭ର 'ଲକ୍ଷ୍ନୌ ସେଣ୍ଟ୍ରାଲ'ରେ ତାଙ୍କ ଅଭିନୟ କଳ୍ପନାତୀତ ଦର୍ଶକୀୟ ଆଦୃତି ଲାଭ କରିଥିଲା । ସେହିପରି ଗତବର୍ଷ ଖେଳିଥିବା 'ସିଦ୍ଧତ' ସିନେମାରେ ସେ ନିଭାଇଥିବା ମୀରା ଚରିତ୍ର ଦର୍ଶକଙ୍କୁ ତାଙ୍କ ପ୍ରଶଂସାରେ ଶତମୁଖ କରିଦେଇଥିଲା । ଚଳିତବର୍ଷ ତାଙ୍କର ଦୁଇଟି ହିନ୍ଦୀ ଫିଲ୍ମ ଓ ପ୍ରଥମ ମାଲାୟଲୀ ଫିଲ୍ମ ଆସିବାକୁ ଥିବା ବେଳେ ସେଥିରେ ପ୍ରଶଂସକମାନଙ୍କୁ ସେ କେବେ ହତାସ କରିବେନି ବୋଲି କଥା ଦେଇଛନ୍ତି ।

# ସ୍ୱୟଂସିଦ୍ଧା ସମ୍ମାନ ସମାରୋହ : ନାରୀ ସଶକ୍ତ ହେଲେ ଏ ଜାତି ଆହୁରି ଆଗକୁ ଯିବ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ନାରୀ ସଶକ୍ତ ଓ ସୁଦୃଢ ହେଲେ ଏ ଜାତି ଆଗକୁ ବଢିପାରିବ । ତେଣୁ ସବୁ କ୍ଷେତ୍ରରେ ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସେମାନଙ୍କ ଅଧିକାରକୁ ସାବ୍ୟସ୍ତର ସୁଯୋଗ ଦେବାପାଇଁ ମତ ପ୍ରକାଶ ପାଇଛି । ଆର୍ନ୍ତଜାତୀୟ ମହିଳା ଦିବସ ଉପଲକ୍ଷେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୱିମେନ ଅର୍ଗାନାଇଜେସନ ଫର ସୋସିଆଲ ୱେଲଫେୟାର (ୱସ୍ୱ) ପକ୍ଷରୁ ଆୟୋଜିତ 'ସ୍ୱୟଂ ସିଦ୍ଧା' ସମ୍ମାନ ପ୍ରଦାନ ସମାରୋହରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ୱସ୍ୱର ସମ୍ପାଦିକା ଜ୍ୟୋସ୍ନା ଦାସ ଅତିଥି ପରିଚୟ ପ୍ରଦାନ ସହିତ ଅନୁଷ୍ଠାନର କାର୍ଯ୍ୟଧାରା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା କଟକ-ଭୁବନେଶ୍ୱର ଟ୍ରାଫିକ ଡିସିପି ଏସ.ସୁଶ୍ରୀ କହିଥିଲେ ମହିଳାମାନେ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ । ସେମାନେ ନିଜକୁ ସଶକ୍ତ କରିବା ସହିତ ସର୍ବଦା ନିଜର ହକ ଦାବି କରିବା ଆବଶ୍ୟକ । ମୁଖ୍ୟ ଅତିଥି ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମଧୁମିତା ଦାସ ଆଜିର ବ୍ୟବସ୍ଥାରେ ନାରୀ କିଭଳି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ତାହା ଉଲ୍ଲେଖ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ତମସାରାଣୀ ଦାସମହାପାତ୍ର ସମାଜ ପ୍ରଗତିରେ ନାରୀର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଡାକ୍ତର ଅଞ୍ଜଳି ଛୋଟରାୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନେ ଆଜି କିଭଳି ଆଗରେ ରହିଛନ୍ତି ତାହା ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ଜ୍ୟୋର୍ତିମୟୀ ଆଚାର୍ଯ୍ୟ ଶିକ୍ଷା କ୍ଷେତ୍ରରେ ନାରୀଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯିବାକୁ ମତ ଦେବା ସହିତ ଆଜିର ନାରୀ କିଭଳି ବିଭିନ୍ନ ସ୍ତରରେ ବିଶେଷକରି ଶିକ୍ଷା କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଛନ୍ତି ତାହା ଉଲ୍ଲେଖ କରିଥିଲେ ।

# କଟକ ଛତ୍ରବଜାର ପୋଲ ଭୁଷୁଡ଼ିବା ଘଟଣାର ତଦନ୍ତ ଓ ଆହତଙ୍କୁ ମାଗଣା ଚିକିତ୍ସା ଦାବି

ଭୁବନେଶ୍ୱର,୧୦/୦୩ (ନି.ପ୍ର): କଟକର ବ୍ୟବସ୍ୟାୟ ପେଣ୍ଠସ୍ଥଳ ଛତ୍ରବଜାରସ୍ଥିତ ମାଛଗାଁ କେନାଲ୍ ଉପରେ ଥିବା ପୋଲଟି ଭୁଷୁଡ଼ି ପଡ଼ିବା ଫଳରେ ତିନିଜଣ ଗୁରୁତର ଆହତ ହେବା ସଙ୍ଗେସଙ୍ଗେ ଆଉ କିଛି ଲୋକ ପୋଲ ତଳେ ଚାପି ହୋଇଥିବାର ଆଶଙ୍କା କରାଯାଉଛି । ଯଦିଓ ଘଟଣାସ୍ଥଳରେ କଟକ ଜିଲ୍ଲାପାଳ ଓ ଡି.ସି.ପି. ପହଂଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି, କିନ୍ତୁ ଠିକା ସଂସ୍ଥାର ନିମ୍ନମାନର କାମ ଓ ନିରାପ । ଜନିତ ତ୍ରୁଟି ଯୋଗୁଁ ଏହି ପୋଲ ଭୁଷୁଡି ପଡ଼ିଲା ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ରବି ବେହେରା ଅଭିଯୋଗ କରିଛନ୍ତି । ହଜାର ହଜାର କୋଟି ଟଙ୍କା ବ୍ୟୟରେ କଟକସ୍ଥିତ ଏସ୍.ସି.ବି. ମେଡିକାଲ୍ କଲେଜକୁ ଏ.ଆଇ.ଆଇ.ଏମ୍.ଏସ୍.+ ମେଡିକାଲ କଲେଜରେ ପରିଣତ କରିବା ଏବଂ ଏହାକୁ ସଂଯୋଗ କରୁଥିବା ମାଛଗାଁ କେନାଲ୍ ରାସ୍ତାକୁ ସଶସ୍ତ ଓ ସୁଦୃଢ଼ୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଏହାର ଉପଯୁକ୍ତ ତଦାରଖ ଯୋଗୁଁ କାମ ନିମ୍ନମାନର ହେଉଥିବା ସ୍ପଷ୍ଟ ଅନୁମେୟ ବୋଲି ଏହି ପୋଲ ଭୁଷୁଡି ପଡ଼ିବା ଘଟଣା ପ୍ରମାଣିତ କରୁଛି । ଏହି ରାସ୍ତା କାର୍ଯ୍ୟ ଦାୟିତ୍ୱରେ ଥିବା ଇଂଜିନିୟରମାନଙ୍କ ଦାୟିତ୍ୱହୀନତା ଓ ଠିକାସଂସ୍ଥାର ବେପରୁଆ ଓ ଖାମ୍‌ଖିଆଲି ମନୋଭାବ ଯୋଗୁଁ ଏହି ଘଟଣା ଘଟିଲା ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଏଥିପାଇଁ ଦାୟୀ ଅଧିକାରୀଙ୍କୁ ସସ୍‌ପେଣ୍ଡ କରିବା ଓ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ସେ ଦାବି କରିବା ସହିତ ଆହତମାନଙ୍କର ମାଗଣା ଚିକିତ୍ସା କରିବା ସହିତ ସେମାନଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି । ଭବିଷ୍ୟତରେ ଯେଭଳି ଏହି ପ୍ରକାର ଦୁର୍ଘଟଣା ନ ଘଟେ ସେଥିପାଇଁ ପଦକ୍ଷେପ ନେବାକୁ ସରକାର ଜିଲ୍ଲା ପ୍ରଶାସନକୁ ସତର୍କ କରାଇଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

# କାକଟପୁରରେ ବିଜେଡ଼ିର ଘୋଡ଼ା ବେପାର ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର,୧୦/୦୩(ନି.ପ୍ର): ପଂଚାୟତ ନିର୍ବାଚନରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଶାସକ ଦଳକୁ ଜନସାଧାରଣ ସଂପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛନ୍ତି । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତୀ ବେହେରା ତାଙ୍କର ନିଜ ପଂଚାୟତରେ ସରପଂଚ, ସମିତିସଭ୍ୟ ଓ ଏପରିକି ୱାର୍ଡମେମ୍ବର ଜିତାଇବାରେ ମଧ ଅସମର୍ଥ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ବୋହୁ ତଥା ପୂର୍ବତନ ବ୍ଲକ ଅଧକ୍ଷ ସ୍ୱାଧୀନ ନାୟକଙ୍କର ପତ୍ନୀ ସମିତିସଭ୍ୟ ପାଇଁ ଲଢ଼ି ମଧ ପରାଜୟ ବରଣ କରିଛନ୍ତି । କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇଗୋଟି ବ୍ଲକ ଅସ୍ତରଙ୍ଗ ଏବଂ କାକଟପୁର ଶାସକ ଦଳ ନିକଟରୁ ଖସିଯାଉଥିବା ଦେଖି ମନ୍ତ୍ରୀ ଏବଂ ପୂର୍ବତନ ବ୍ଲକ ଅଧକ୍ଷ ତୃତୀୟ ମହଲା ଇଙ୍ଗିତରେ କଳ, ବଳ, କୌଶଳ ପ୍ରୟୋଗ କରି ଅର୍ଥବଳ, ବାହୁବଳ, ପୋଲିସ ପ୍ରଶାସନକୁ ଆଗକୁ ଆଣି ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା କଂଗ୍ରେସ ସମର୍ଥିତ ପ୍ରତିନିଧି ମାନଙ୍କ ନାମରେ ମିଥ୍ୟା କେସ କରି ଧମକାଇ ନିଜ ଆଡ଼କୁ ନେବାପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି ଏହା ଅଗଣତାନ୍ତ୍ରିକ ବୋଲି କଂଗ୍ରେସ ଅଭିଯୋଗ କରିଛି ।

ପ୍ରଦେଶ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ବିଶ୍ୱଭୂଷଣ ଦାସ ପ୍ରେସବାର୍ତ୍ତା ମାଧମରେ କହିଛନ୍ତି ଶାସକ ବିଜୁ ଜନତା ଦଳ କ୍ଷମତା ଲୋଭରେ ଅନ୍ଧ ହୋଇ ଅର୍ଥବଳ, ବାହୁବଳ ଓ ସରକାରୀ କଳକୁ ପାଥେୟ କରି ବ୍ଲକ ଦଖଲ କରିବାପାଇଁ ଯେଉଁ ଉଦ୍ୟମ କରୁଛନ୍ତି । ପ୍ରତ୍ୟାଖିତ ହୋଇଥିବା ନେତାମାନେ ପ୍ରଶାସନକୁ ପାଥେୟ କରି ଗଣତନ୍ତ୍ରକୁ ହତ୍ୟା କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଯଦି ଏହିପରି ଅଗଣତାନ୍ତ୍ରିକ କାର୍ଯ୍ୟରୁ ଶାସକ ବିଜୁ ଜନତା ଦଳ ନିବୃତ ନ ରୁହେ ତେବେ କଂଗ୍ରେସ ଦଳ ଏହାର ଉଚିତ ଜବାବ୍ ଦେବ ବୋଲି ଚେତାବନୀ ଦେଇଛନ୍ତି ପ୍ରଦେଶ ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଯୁବନେତା ବିନୋଦ କୁମାର ରାଉତ ମଧ ଉପସ୍ଥିତ ଥିଲେ ।

# ଲିଙ୍ଗଗତ ସମାନତା ହିଁ ନିରନ୍ତର ବିକାଶର ମୂଳମନ୍ତ୍ର

ଭୁବନେଶ୍ୱର,୧୦/୦୩ (ନି.ପ୍ର): ଦି ହ୍ୟୁମାନିଟି, ଥାର୍ଡ଼ ଜେଣ୍ଡର ୱେଲଫେୟାର ଟ୍ରଷ୍ଟ, ଏକତା ପରିଷଦ, ତପସ୍ୟା ଏସ୍.ଏଚ୍.ଜି. ମହାସଂଘ ଓ ଅରବିନ୍ଦ ମହିଳା ସମିତିର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଗୀତଗୋବିନ୍ଦ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲିଙ୍ଗତ ସମାନତା ହିଁ ଆଗାମୀ ଦିନର ନିରନ୍ତର ବିକାଶର ଏକ ସୁଦୀର୍ଘ ମାର୍ଗ । ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତିକରଣ ସମାଜରେ ଲିଙ୍ଗଗତ ଭେଦଭାବକୁ ଦୂର କରିପାରିବ । ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଆମକୁ ଏକ ତିନି ସୂତ୍ରୀ କାର୍ଯ୍ୟ ଖସଡ଼ା ବାହାର କରିବାକୁ ପଡ଼ିବ । ସମସ୍ତ କ୍ଷେତ୍ରରେ ଆମେ ସମାନୁପାତିକ ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ । ଏକବିଂଶ ଶତାବ୍ଦୀରେ ଆମ୍ଭେ ସାମାଜିକ ନ୍ୟାୟ ସହିତ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଲେ ଅସମାନତା ଦୂର ହୋଇପାରିବ । ମହିଳା ସଶକ୍ତିକରଣ ଦିଗରେ ସରକାର ମଧ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସାମାଜିକ ଅନୁଷ୍ଠାନ, ମହିଳା ସଂଗଠନମାନେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଦିଗରେ ନିରନ୍ତର ପ୍ରୟାସ କରିପାରିଲେ ଏହାର ଉପଯୁକ୍ତ କାର୍ଯ୍ୟକାରିତା ହୋଇପାରିବ । କୁଟୀର ଓ ଅଣୁବ୍ୟବସାୟ ମାଧମରେ ମହିଳାମାନଙ୍କୁ ଯୋଡ଼ିବାପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା । ବ୍ୟାଙ୍କ, ବଜାର ଏବଂ ବ୍ୟବସାୟୀଙ୍କ ମଧରେ ଏକ ସମନ୍ୱୟ ରକ୍ଷା କରିପାରିଲେ ଓଡ଼ିଶାରେ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହେବ । ଟ୍ରାନ୍ସଜେଣ୍ଡର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର କୌଶଳ ବିକାଶ ଏବଂ ଆର୍ଥିକ ସହାୟତାକୁ ସୁନିଶ୍ଚିତ କରିପାରିଲେ ଅନେକାଂଶରେ କ୍ଷୁଦ୍ରଶିଳ୍ପ ଓ ଉଦ୍ୟାଗ ପ୍ରତି ଉତ୍ସାହ ବଢ଼ିବ । ନିରନ୍ତର ବିକାଶ ଦିଗରେ ସରକାର, ସାମାଜିକ ଅନୁଷ୍ଠାନମାନେ ସମନ୍ୱିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଏହାର କାର୍ଯ୍ୟକାରିତା ପାଇଁ କମ୍ୟୁନିଟି ମନିଟରିଂ ବ୍ୟବସ୍ଥା କରିପାରିଲେ ମହିଳାମାନଙ୍କର ବିକାଶ କ୍ଷେତ୍ରରେ ଏହା ଫଳପ୍ରଦ ହୋଇପାରିବ । ଏହି ଅବସରରେ ବିଶିଷ୍ଟ ଗାନ୍ଧିବାଦୀ ସମାଜସେବୀ ଶ୍ରୀମତୀ ପ୍ରଭାସିନୀ ରାଉତ, ପ୍ରଜ୍ଞାଜ୍ୟୋତି ଦାସ ଓ ମୀରା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସହିତ ତପୋବନ ଲେନ୍ ବସ୍ତି ଓ ଫୁଲେଶ୍ୱରୀ ବସ୍ତିର ମହିଳାମାନଙ୍କ ମଧରେ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାମାନଙ୍କୁ ପ୍ରମାଣପତ୍ର ଏବଂ ସିଲ୍ କପ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ର ପୂର୍ବତନ ଅଧକ୍ଷା ନିବେଦିତା ନାୟକ, ଭିନ୍ନକ୍ଷମ ଆୟୋଗର ପୂର୍ବତନ ଅଧକ୍ଷା ସୁଲୋଚନା ଦାସ, ମା ମସଲାର ପରିଚାଳନା ନିର୍ଦ୍ଦେଶିକା ଦୀପ୍ତିମୟୀ ମହାନ୍ତି, ବିଶିଷ୍ଟ ଉଦ୍ୟୋଗୀ ଜୟଶ୍ରୀ ମହାନ୍ତି, ସାମାଜିକ ସଂଗଠନର ନେତ୍ରୀ ଉଷାରାଣୀ ବେହେରା, ସଖାର ପ୍ରତିଷ୍ଠାତା ମୀରା ପରିଡ଼ା, ଦ ହ୍ୟୁମାନିଟିର ସଭାପତି ଶ୍ରୀକାନ୍ତ ସାମନ୍ତରାୟ, ଟି.ଡବ୍ଲ୍ୟୁ.ଟି.ର ଅଧକ୍ଷା ମେଘନା ସାହୁ, ଏମ୍‌ଏସ୍‌ଏମ୍‌ଇ ବିଭାଗର ଡିଆର୍‌ପି ଅମରଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ସଚିକାନ୍ତ ପ୍ରଧାନ ସଂଯୋଜନା କରିଥିଲେ ।

# ଗ୍ରୀଷ୍ମ ମୁକାବିଲା ପାଇଁ ସ୍କୁଲରେ ପାଣି ସୁବିଧା କର

ଭୁବନେଶ୍ୱର ,୧୦/୦୩ (ନି.ପ୍ର): ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ପଦକ୍ଷେପ ନେବାକୁ ଓସେପା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ ତଥା ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ ଏବଂ କ୍ୟାମ୍ପସରେ ଥିବା ନଳକୂଅ କିମ୍ବା ଅନ୍ୟାନ୍ୟ ପାନୀୟ ଜଳର ଉତ୍ସକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଇବାକୁ କୁହାଯାଇଛି । ଆବଶ୍ୟକ ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ସଂସ୍ଥା ସହ ଯୋଗାଯୋଗ କରିପାରିବେ । ସ୍କୁଲକୁ ଆସିବା ସମୟରେ ଛାତ୍ରଛାତ୍ରୀ ସାଙ୍ଗରେ ପାଣି ବୋତଲ ଆଣିବା ଲାଗି ଅଭିଭାବକଙ୍କ ମଧରେ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଧାନଶିକ୍ଷକ ଓ ସ୍କୁଲ ପରିଚାଳନା କର୍ତ୍ତୃପକ୍ଷ ପଦକ୍ଷେପ ନେବେ । ପର୍ଯ୍ୟାପ୍ତ ଓଆରଏସ୍ ଉପଲବ୍ଧ କରିବା, ଶ୍ରେଣୀଗୃହ ବାହାରେ କୌଣସି କାର୍ଯ୍ୟକଳାପ



# ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ୧୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧରେ ପୁଣି ୧୦୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧରୁ ୧୮ ବର୍ଷ ବୟସ ମଧରେ ୩୦ ଜଣ ଅଛନ୍ତି । ୬୪ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମିତ ୪୪ ଜଣ । ବାଲେଶ୍ୱର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ, ବଲାଙ୍ଗୀରରୁ ୩ ଜଣ, ବେ ?ଦ୍ଧରୁ ୮ ଜଣ, କଟକରୁ ୮ ଜଣ, ଦେବଗଡ଼ରୁ ଜଣେ, ଢେଙ୍କାନାଳରୁ ଜଣେ, ଗଜପତିରୁ ୧୬ ଜଣ, ଗଞ୍ଜାମରୁ ୭ ଜଣ, ଜଗତ୍‌ସିଂହପୁରୁ ଜଣେ, ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୭ ଜଣ, ଖୋର୍ଦ୍ଧାରୁ ୧୪ ଜଣ, ମୟୂରଭଞ୍ଜରୁ ଜଣେ, ନବରଙ୍ଗପୁରରୁ ୬ ଜଣ, ନୂଆପଡ଼ାରୁ ଜଣେ ଓ ରାୟଗଡ଼ାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ହଜାରେ କୋଟି କେନ୍ଦ୍ରୀୟ ଅନୁଦାନ ହରାଇବ ଓଡ଼ିଶା

## ଅଧାରେ ରହିଲା ୧୫ରୁ ଅଧିକ ସ୍କିମ; କ୍ଷତି ସହିବ ଚାଷୀ, ସରକାର ନିରବ

ଭୁବନେଶ୍ୱର ,୧୦/୦୩(ନି.ପ୍ର): ହଜାରେ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହୋଇପାରେ ଓଡ଼ିଶା । ଏହାକୁ ଫେରି ପାଇବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଠୋସ ପଦକ୍ଷେପ ଗ୍ରହଣ ହୋଇନାହିଁ । ବରଂ ଏତେ ଟଙ୍କାର କ୍ଷତି ହେବାରୁ ୨୦୨୧-୨୨ କୃଷି ବିଜେଟ ଅନୁସାରେ କାର୍ଯ୍ୟକାରୀ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସ୍କିମ୍ ଅଧାରେ ରହିଯାଇଛି । ଆସନ୍ତା ୩୦ ତାରିଖରେ ଉପସ୍ଥାପିତ ହେବ ରାଜ୍ୟ ବଜେଟ । ଏଥିରେ ସ୍ୱତନ୍ତ୍ର ଭାବରେ ସ୍ଥାନ ପାଇବ କୃଷି ବଜେଟ । ଗତବର୍ଷ କୃଷି, ମତ୍ସ୍ୟ, ପଶୁପାଳନ, ଜଳସମ୍ପଦ ଭଳି ସମାନ ବର୍ଗ ପାଇଁ ସ୍ୱତନ୍ତ୍ର ଭାବରେ ୧୦ ହଜାର ୭୦୫ କୋଟି ଟଙ୍କାର ବଜେଟ ଖର୍ଚ୍ଚ ହେଉଥିବା ଦର୍ଶାଯାଇଥିଲା । ଏଥିରେ ୫୦ଟି ସ୍କିମ ରହିଥିଲା । ସେଥିରୁ ୧୫ଟି



ସ୍କିମ କେନ୍ଦ୍ରୀୟ ଅନୁଦାନରେ କରାଯାଉଥିଲା । ୨୦୨୧-୨୨ କେନ୍ଦ୍ରୀୟ ବଜେଟ ଅନୁସାରେ ଓଡ଼ିଶାକୁ କେନ୍ଦ୍ର ପକ୍ଷରୁ ୧୩୪୩ କୋଟି ଟଙ୍କା ମିଳିବା ଉଚିତ । ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ମାତ୍ର ୧୦ ପ୍ରତିଶତ ଟଙ୍କା ମିଳିଛି । କେନ୍ଦ୍ର ପକ୍ଷରୁ ଟଙ୍କା ମିଳିବାର ଅନ୍ତିମ ତାରିଖ ହେଲା ୩୦ ତାରିଖ । ସେବେ ସୁଦ୍ଧା ଅତି ବେଶିରେ କେନ୍ଦ୍ର ସରକାର ତତ୍ପର ହେଲେ ଆଉ ୨ ପ୍ରତିଶତ ମିଳିବା ନେଇ ଆକଳନ କରାଯାଉଛି । ଅର୍ଥାତ ଓଡ଼ିଶା ଏକ ହଜାରରୁ ଉର୍ଦ୍ଧ କୋଟି ଟଙ୍କାର କ୍ଷତି ସହିବା ସ୍ପଷ୍ଟ ବୋଲି ସୂଚନା ମିଳିଲାଣି । ଏଥିଯୋଗୁଁ ଯେଉଁ ସ୍କିମ ବାଧାପ୍ରାପ୍ତ ହୋଇଛି ଏବଂ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ସେଗୁଡ଼ିକ ହେଲା ଜାତୀୟ କୃଷି ବିକାଶ ଯୋଜନା, ଜାତୀୟ ଉଦ୍ୟାନ ମିସନ, କୃଷି ମେକାନିଜମ, ଜାତୀୟ ଖାଦ୍ୟ ସୁରକ୍ଷା ମିସନ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା । ଅପରପକ୍ଷରେ ୨୦୨୧ ମସିହାରେ କାର୍ଯ୍ୟକାରୀ ହୋଇଥିବା ସିଙ୍ଗିଲ ନୋଡାଲ ଆକାଉଣ୍ଟ ବ୍ୟବସ୍ଥା ଟଙ୍କା ବିଳମ୍ବର ପ୍ରମୁଖ କାରଣ ବୋଲି କୁହାଯାଉଛି । ନୂଆ ନିୟମ ଅନୁସାରେ, କେନ୍ଦ୍ର ସରକାର ଦେଉଥିବା ଟଙ୍କାର ତିନି ଚତୁର୍ଥାଂଶ ରାଜ୍ୟଗୁଡ଼ିକ ଖର୍ଚ୍ଚ କରି ବିନିଯୋଗ ପତ୍ର ଦାଖଲ କଲେ ବାକି ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି । ପ୍ରଥମତଃ ଏହି ଆକାଉଣ୍ଟ ରୂପରେଖ ଏବଂ ଏହାର ଖୋଲିବା ପ୍ରକ୍ରିୟା ନେଇ ଅନେକ ସମୟ ନଷ୍ଟ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଏହା ଖୋଲାଯିବା ପରେ ବି ଟଙ୍କା ଆସିପାରୁ ନାହିଁ । କେନ୍ଦ୍ର ଏଥିପ୍ରତି ଦୃଷ୍ଟି ଦେଉ ନାହିଁ । କିନ୍ତୁ ରାଜ୍ୟ ସରକାର ମଧ ଏତେ କୋଟି ଟଙ୍କାରୁ ବଞ୍ଚିତ ହେବା ନେଇ କୌଣସି ଗୁରୁତ୍ୱ ଦେଉନାହାନ୍ତି । ଏଭଳି ସ୍ଥିତିରେ ଏହି ସ୍କିମ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ନହେବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ପରିଚାଳିତ ୩୫ଟି ସ୍କିମରେ ସମୁଦାୟ ବଜେଟର ୮୦ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଥିବା କୃଷି ବିଭାଗ କହିଛି । ନିର୍ଦ୍ଦିଷ୍ଟ ଭାବରେ କୃଷି ବଜେଟ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ଏହା ସ୍ପଷ୍ଟ ନୁହେଁ । ଚଳିତ ବର୍ଷ ବଜେଟରେ ନୂତନ ଭାବରେ ମିଲେଟ ମିସନ ଢାଞ୍ଚାରେ ପଣସ ମିସନ କାର୍ଯ୍ୟକାରୀ ହେବ । ମିଲେଟ ମିସନର ଅଭିବୃଦ୍ଧି ହେବ । ଏଥିସହିତ ଆଉ କିଛି ନୂତନ ସ୍କିମ ବଜେଟରେ କାର୍ଯ୍ୟକାରୀ ହେବ । ଏଥିପାଇଁ କୃଷି, ଉଦ୍ୟାନ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ବଜେଟ ଉପସ୍ଥାପନ ଦିନ ଏହା ସ୍ପଷ୍ଟ ହୋଇପାରିବ ।

# ବିଏମ୍‌ସିକୁ ଛାଡ଼ି ବନ୍ଦ ହେଲା ସବୁ କୋଭିଡ ହସ୍ପିଟାଲ

ଭୁବନେଶ୍ୱର ,୧୦/୦୩(ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ସବୁ କୋଭିଡ ହସ୍ପିଟାଲକୁ ରାଜ୍ୟ ସରକାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ବୈଷୟିକ କମିଟିର ସୁପାରିସକୁ ବିଚାର କରିବା ପରେ ରାଜ୍ୟ ସରକାର କୋଭିଡ ଚିକିତ୍ସା ଯୋଗାଉଥିବା ସବୁ ଘରୋଇ ହସ୍ପିଟାଲ ସହିତ ବୁଝାମଣା ସମାପ୍ତ କରିଛନ୍ତି । ଚଳିତମାସ ପହିଲାରୁ କୋଭିଡ ହସ୍ପିଟାଲକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । କିଛି ହସ୍ପିଟାଲରେ ରୋଗୀମାନେ ଚିକିତ୍ସାଧୀନ ଅଛନ୍ତି । ତେବେ




ଏସବୁ ହସ୍ପିଟାଲଗୁଡ଼ିକରେ ଥିବା ରୋଗୀ ଡିସଚାର୍ଜ ହେବା ପର୍ଯ୍ୟନ୍ତ ସେମାନଙ୍କ ଚିକିତ୍ସା ଚାଲିବ । ଚିକିତ୍ସା ବାବଦ ବିଲ୍‌କୁ ରାଜ୍ୟ ସରକାର ଯୋଗାଇଦେବେ । ବିଏମ୍‌ସି ଅଞ୍ଚଳରେ ନିଗମ କମିସନର ସର୍ବନିମ୍ନ ଶଯ୍ୟା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶଯ୍ୟା ସଂଖ୍ୟା ସ୍ଥିର କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

# ୧୪ ସୁଦ୍ଧା କୋଭିଡ ମୃତକଙ୍କୁ କ୍ଷତିପୂରଣ

ଭୁବନେଶ୍ୱର ,୧୦/୦୩(ନି.ପ୍ର): ରାଜ୍ୟ ସରକାର କୋଭିଡ ମୃତକଙ୍କୁ ଅନୁକମ୍ପା ରାଶି ପ୍ରଦାନ ତାରିଖକୁ ଚଳିତମାସ ୧୪ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି । ଏହା ପୂର୍ବରୁ ଫେବ୍ରୁଆରି ୨୮ତାରିଖ ପର୍ଯ୍ୟନ୍ତ ମୃତକଙ୍କ ସଂପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୬,୭୫୫ ଜଣ କୋଭିଡ ଅନୁକମ୍ପା ରାଶି ପାଇଁ ଆବେଦନ କରିଥିବା ବେଳେ ୧୫,୭୫୬ ଦରଖାସ୍ତକୁ ଅନୁମୋଦନ ପ୍ରଦାନ କରାଯାଇଛି । ୪୨୦ ଆବେଦନକୁ ଖାରଜ କରି ଦିଆଯାଇଥିବା ବେଳେ ୭୫୦ ଆବେଦନର ବିଚାର ଚାଲିଛି । ୨ଜଣ ଅନୁକମ୍ପା ରାଶିକୁ ଫେରାଇ ଦେଇଥିବା ସୂଚନା ମିଳିଛି । ରାଜ୍ୟରେ ଏବେ ହାତ ଗଣତି କୋଭିଡ ମୃତ୍ୟୁ ହେଉଛି । ତେଣୁ ମୃତ୍ୟୁ ଘୋଷଣାରେ ଚାପ ନାହିଁ । ଧାର୍ଯ୍ୟ ସମୟ ଭିତରେ ମୃତକଙ୍କ ସଂପର୍କୀୟଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ସରକାରୀ ଅଧିକାରୀ କହିଛନ୍ତି । ରାଜ୍ୟରେ ତୃତୀୟ ଲହର ଥମି ଆସିଛି । କିନ୍ତୁ ପ୍ରତ୍ୟେକ ଦିନ ଶହେରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଏହାସତ୍ତ୍ୱେ ରାଜ୍ୟରେ କୋଭିଡ ନମୁନା ପରୀକ୍ଷା ୪୦ହଜାର ଉପରେ ରହିଛି । ପ୍ରାୟ ସବୁ ଜିଲ୍ଲାରେ ହଜାରରୁ ଅଧିକ ନମୁନା ପରୀକ୍ଷା କରାଯାଇଛି । ମାତ୍ର କନ୍ଧମାଳ ଜିଲ୍ଲାରେ ଚକିତ କଲାଭଳି କୋଭିଡ ପରୀକ୍ଷା ନଜରକୁ ଆସିଛି । କୋଭିଡ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ ଗତ ୨୪ଘଣ୍ଟାରେ କନ୍ଧମାଳରେ କେବଳ ଜଣେ ଲୋକଙ୍କ କୋଭିଡ ପରୀକ୍ଷା ହୋଇଛି । ସଂପୃକ୍ତ ବ୍ୟକ୍ତି ଜଣକ ମଧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଯାହାଫଳରେ ଜିଲ୍ଲାରେ ସଂକ୍ରମଣ ହାର ୧୦୦ ପ୍ରତିଶତକୁ ବୃଦ୍ଧି ପାଇଛି । ଗତ ୭ତାରିଖରେ ଜିଲ୍ଲାରେ ୧୨୯୯ କୋଭିଡ ନମୁନା ପରୀକ୍ଷା ହୋଇଥିଲା । ମାତ୍ର ଗୋଟିଏ ଦିନ ବ୍ୟବଧାନରେ ନମୁନା ପରୀକ୍ଷା ୧କୁ ଖସି ଆସିଲା କିପରି ? ଏହା ଏବେ ସନ୍ଦେହ ସୃଷ୍ଟି କରିଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ୪୫,୭୬୬ କୋଭିଡ ନମୁନା ପରୀକ୍ଷା ହୋଇଛି । ସଂକ୍ରମଣ ହାର ୦.୨୮ ପ୍ରତିଶତ ରହିଛି । ୧୨୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗଜପତିରୁ ସର୍ବାଧିକ ୧୮, ଖୋର୍ଧା ୧୬, ନବରଙ୍ଗପୁର ୧୪, ସୁନ୍ଦରଗଡ଼ ୧୨ ଓ ସମ୍ବଲପୁରରୁ ୯ଜଣ ଚିହ୍ନଟ ହୋଇଛି । ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୮୬ହଜାର ୨୪୫କୁ ବୃଦ୍ଧି ପାଇଛି । ଦୁଇଦିନର ବ୍ୟବଧାନ ପରେ ଆଜି ଜଣଙ୍କ କୋଭିଡ ମୃତ୍ୟୁ ଘୋଷଣା ହୋଇଛି । ଫଳରେ ରାଜ୍ୟରେ ମୋଟ କୋଭିଡ ମୃତ୍ୟୁ ସଂଖ୍ୟା ୯୧୦୨କୁ ବୃଦ୍ଧି ପାଇଛି । ଆଜି ଆଉ ୧୭୦ କୋଭିଡ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୯୪୦କୁ ଖସି ଆସିଛି ।

# କୋଭିଡରେ ଆକ୍ରାନ୍ତ କାରଣରୁ ପ୍ରିକସନ୍ ଡୋଜ୍ ନେଇପାରି ନାହାନ୍ତି ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର ,୧୦/୦୩(ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧାଙ୍କ କ୍ଷେତ୍ରରେ ପ୍ରିକସନ୍ ଡୋଜ୍ ହାର କମ୍ ରହିଛି । ତୃତୀୟ ଲହରରେ ମଧ ପୂର୍ବଭଳି ବହୁ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା କରୋନାରେ ସଂକ୍ରମିତ ହୋଇଥିବାରୁ ସେମାନେ ପ୍ରିକସନ୍ ଡୋଜ୍ ନେଇ ପାରିନାହାନ୍ତି । ଯାହାଫଳରେ ଜାତୀୟ ହାରଠାରୁ ଓଡ଼ିଶାରେ ପ୍ରିକସନ୍ ଡୋଜ୍ ହାର କମ୍ ରହିଛି । ଦ୍ୱିତୀୟ ଡୋଜ୍‌ର ୯ମାସର ବ୍ୟବଧାନରେ ଜଣେ ପ୍ରିକସନ୍ ଡୋଜ୍ ନେଇପାରିବ । ରାଜ୍ୟରେ ଯେତିକି ଲୋକଙ୍କ ୯ମାସ ସମୟ ପୂରଣ ହୋଇଛି ସେମାନଙ୍କ ମଧରୁ ଶତ ପ୍ରତିଶତ ପ୍ରିକସନ୍ ଡୋଜ୍ ନେଇଛନ୍ତି । ସାମଗ୍ରିକ ଭାବେ ଏହା ୪୬ ପ୍ରତିଶତ ରହିଛି । ସେହିପରି ୧୫-୧୮ ବର୍ଗରେ



୮୦ ପ୍ରତିଶତ ନିଜର ପ୍ରଥମ ଡୋଜ୍ ନେଇ ସାରିଥିବା ବେଳେ ୬୨ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଅପରପକ୍ଷରେ ରାଜ୍ୟର ୧୨ଟି ଜିଲ୍ଲାରେ ଦ୍ୱିତୀୟ ଡୋଜ୍ କୋଭିଡ ଟିକାକରଣ ହାର କମ୍ ଥିବାରୁ ଡୋର ଟୁ ଡୋର କ୍ୟାମ୍ପେନ୍ ଜରିଆରେ ଟିକାକରଣକୁ ବଢ଼ାଇବା ଲାଗି ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ଅନେକ ସ୍ୱାସ୍ଥ୍ୟକର୍ମୀ/ସମ୍ମୁଖ ଯୋଦ୍ଧା କୋଭିଡରେ ଆକ୍ରାନ୍ତ ହୋଇଥିବାରୁ ସେମାନେ ପ୍ରିକସନ୍ ଡୋଜ୍ ନେଇ ପାରି ନାହାନ୍ତି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩.୨୮ କୋଟିରୁ ଅଧିକ ହିତାଧିକାରୀ ନିଜର ପ୍ରଥମ ଡୋଜ୍ ନେଇଥିବା ବେଳେ ୨.୭୯ କୋଟି ଦ୍ୱିତୀୟ ଡୋଜ୍ ନେଇ ସାରିଲେଣି । ଆଜି ୭୧,୨୪୧ ଜଣ କୋଭିଡ ଟିକା ଦିଆଯାଇଛି ।

## ବାଣପୁର ମାଟିର ଉଜ୍ଜ୍ୱଳ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିଶ୍ୱଭୂଷଣ ହରିଚନ୍ଦନ, ଜଣେ ବିଶିଷ୍ଟ ଆଇନଜ୍ଞ, ରାଜନେତା। ସେ ଓଡ଼ିଶାର ବିଭିନ୍ନ ମନ୍ତ୍ରୀମଣ୍ଡଳ ଖାଦ୍ୟ, ଯୋଗାଣ, ଆଇନ, ଶ୍ରମ, ନିଯୁକ୍ତି, ରାଜସ୍ୱ, ଗୃହନିର୍ମାଣ, ଶିଳ୍ପ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ, ପଶୁ ସଂପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦକ୍ଷତା, ସାଧୁତା ଓ ଦୂରଦର୍ଶିତା ପ୍ରଦର୍ଶନ କରି ଓଡ଼ିଶାକୁ ବିକାଶ ପଥରେ ଆଗକୁ ନେବାରେ ଶ୍ରୀ ହରିଚନ୍ଦନ ଙ୍କର ବିଶେଷ ଭୂମିକା ଥିଲା। ଓଡ଼ିଆ, ଓଡ଼ିଆତ୍ୱ, ଓଡ଼ିଆ ସଂସ୍କୃତି, ତା'ର ଗର୍ବିତ ଇତିହାସ ଓ ସାମରିକ ପରମ୍ପରାକୁ ପୁନର୍ଜୀବିତ କରି ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ ସର୍ବଦା ଚେଷ୍ଟିତ। ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ପ୍ରସଙ୍ଗ ଉପରେ ତାଙ୍କର ଲିଖିତ ନିବନ୍ଧ ଗୁଡ଼ିକ ଦୈନିକ ଖବରକାଗଜ ଗୁଡ଼ିକରେ ପ୍ରକାଶିତ ଓ ବହୁ ଚର୍ଚ୍ଚିତ। ପାଇକବିଦ୍ରୋହ ଉପରେ ତାଙ୍କର ଲିଖିତ ନିର୍ବନ୍ଧ ଗୁଡ଼ିକ ସାରା ଭାରତବର୍ଷରେ ଚର୍ଚ୍ଚିତ। ବର୍ତ୍ତମାନ ସେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଅଛନ୍ତି। ଜଷ୍ଟିସ ଦୀପକ ମିଶ୍ର, ସେ ସୁପ୍ରିମକୋର୍ଟ ତୃତୀୟ ଓଡ଼ିଆ ମୁଖ୍ୟ ବିଚାରପତି ଥିଲେ। ଏତଦ୍ ବ୍ୟତୀତ ଆହୁରି ଅନେକ ବ୍ୟକ୍ତିବିଶେଷ ଏ ମାଟିରେ ଜନ୍ମନେଇ ଏହି ମାଟିକୁ ଗୌରବାନ୍ୱିତ କରିଛନ୍ତି।

ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା), ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୫, ମୋ: ୬୩୭୦୨୦୮୪୨୮

## କରୋନାରୁ ସୁସ୍ଥ ହେଲେ ୧୩୫ ଆକ୍ରାନ୍ତ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ରାଜ୍ୟରେ କରୋନାରୁ ଆଜି ୧୩୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୨୮୫ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଜପତି ଓ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୬ ଜଣ ଲେଖାଏଁ ଓ ଝାରସୁଗୁଡ଼ା ଜିଲ୍ଲାରୁ୧୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କଟକ, କେନ୍ଦ୍ରାପଡ଼ା,ଖୋର୍ଦ୍ଧା ଓ ମୟୂରଭଂଜରୁ ୮ ଜଣ ଲେଖାଏଁ, ସମ୍ବଲପୁରରୁ ୭, ବାଲେଶ୍ୱର ଓ ଯାଜପୁରରୁ ୬-୬, ଦେବଗଡ଼, ଗଂଜାମ, ନବରଂଗପୁରରୁ ୫ ଜଣ ଲେଖାଏଁ, ଅନୁଗୁଳରୁ ୪, ନୟାଗଡ଼ରୁ ୩, ବରଗଡ଼, କୋରାପୁଟ, କଳାହାଣ୍ଡି, ନୂଆପଡ଼ା ଓ ପୁରୀରୁ ୨ ଜଣେ ଲେଖାଏଁ, ଭଦ୍ରକ, ମାଲକାନଗିରି ଓ ରାୟଗଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଞ୍ଜାବକୁ ଛାଡ଼ି ସବୁଠି....

କ୍ଷମତାସୀନ ବିଜେପି ସର୍ବାଧିକ ୨୦ଟି ଆସନ ଜିତିଛି। ହେଲେ ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। ବିଜେପି ପଛକୁ କଂଗ୍ରେସ ୧୨ଟି ଆସନ ଜିତିଥିବା ବେଳେ ଆପ୍ ଓ ଟିଏମସି ୨ଟି ଲେଖାଏ ଆସନ ଦଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ୪ଟି ଆସନ ଜିତିଛନ୍ତି। ଏହି ୪ ଜଣଙ୍କ ମଧ୍ୟରୁ ୩ ଜଣ ବିଜେପିକୁ ସମର୍ଥନ ଘୋଷଣା କରିଛନ୍ତି। ତେଣୁ ଗୋଆରେ ପୁଣି ବିଜେପି ସରକାର ଗଠନ କରିବ। ହେଲେ ପ୍ରମୋଦ ସାୱନ୍ତ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ କି ନାହିଁ, ତା'ର ନିଷ୍ପତ୍ତି ବିଜେପି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ। ଉତ୍ତରାଖଣ୍ଡରେ ବିଜେପିକୁ ସ୍ପଷ୍ଟ ବହୁତ ମିଳିଛି। ଉତ୍ତରାଖଣ୍ଡର ୭୦ଟି ଆସନରୁ ବିଜେପି ୪୦ଟିରେ ଜିତି ସାରିଛି। ସେହିପରି ବାକି ୮ଟି ଆସନରେ ଲିଡ୍ କରୁଛି। ଲିଡର ମାତ୍ରା ଏତେ ଅଧିକ ଅଛି ଯେ ଏହି ୮ଟି ଯାକ ଆସନରେ ମଧ୍ୟ ବିଜେପି ଜିତିବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଏହାର ଅର୍ଥ ରାଜ୍ୟରେ ବିଜେପି ଏକାକୀ ୪୮ଟି ଆସନ ଦଖଲ କରିବ। ୨୦୧୭ରେ ଦଳ ଏଠାରେ ୫୭ଟି ଆସନ ଜିତିଥିଲା। ବିଜେପିର ଆସନ ସଂଖ୍ୟା କମିଥିଲେ ମଧ୍ୟ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୬କୁ ବେଶ ସହଜରେ ହାସଲ କରିନେଇଛି। କଂଗ୍ରେସ ୧୫ଟି ଆସନ ଜିତିଥିବା ବେଳେ ଆଉ ୩ଟିରେ ଆଗରେ ରହିଛି। ଆପ ଏଠାରେ ଖାତା ଖୋଲିବାକୁ ସକ୍ଷମ ହୋଇନି। ସେହିପରି ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିମାତ କରିଛନ୍ତି। ଆପ୍ ପଞ୍ଜାବରେ ସରକାର ଗଠନ କରିଥିବା ବେଳେ ଉତ୍ତରାଖଣ୍ଡରେ ଖାତା ନ ଖୋଲିପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପରାସ୍ତ ହେବା ରାଜ୍ୟ ତଥା କେନ୍ଦ୍ରୀୟ ବିଜେପି ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ଏବେ ଉତ୍ତରାଖଣ୍ଡରେ କିଏ ବିଜେପିର ମୁଖ୍ୟମନ୍ତ୍ରୀ ହେବେ, ସେନେଇ ଟେନସନ ବଢ଼ିଛି। ନିର୍ବାଚନର ଠିକ୍ ପୂର୍ବରୁ ବିଜେପି ଧାମିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିଲା। ଏପରି କି ତାଙ୍କ ନେତୃତ୍ୱରେ ବିଜେପି ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ବି ଲଢ଼ିଥିଲା। ମଣିପୁରରେ ମଧ୍ୟ ବୀରେନ ସିଂହ ପୁଣି ମୁଖ୍ୟମନ୍ତ୍ରୀ ହେବେ। ଏଠାରେ ବିଜେପି ସରକାର ଗଠନ କରିବା ଦିଗରେ ଆଗକୁ ବଢ଼ୁଛି। ରାଜ୍ୟର ୬୦ ଆସନରୁ ବିଜେପି ଇତି ମଧ୍ୟରେ ୨୪ଟିରେ ଜିତି ସାରିଥିବା ବେଳେ ବାକି ୮ଟିରେ ଲିଡ୍ କରୁଛି। ଏହାର ଅର୍ଥ ବିଜେପି ମଣିପୁରରେ ୩୨ଟି ଆସନ ଜିତିବାର ସମ୍ଭାବନା ସୃଷ୍ଟି ହୋଇଛି। ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। କଂଗ୍ରେସ ମାତ୍ର ୪ଟି ଆସନ ଜିତିଥିବା ବେଳେ ନ୍ୟାଶନାଲ ପିପୁଲ୍ସ ପାର୍ଟି ଓ ନାଗା ପିପୁଲ୍ସ ପ୍ରଣ୍ଟ ମିଳିତ ଭାବେ ୨୧ଟି ଆସନ ଜିତିଛନ୍ତି ଏବଂ ବାକି ୩ଟିରେ ଆଗରେ ରହିଛନ୍ତି ।

### ବିଜୟ ନେଇ କାର୍ଯ୍ୟକର୍ତ୍ତାଙ୍କ....

ଜନାଦେଶରୁ ସ୍ପଷ୍ଟ ହୋଇଛି । ୨୦୧୪,୨୦୧୭, ୨୦୧୯ ପରେ ଏବେ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ, ସର୍ବସ୍ପର୍ଶୀ ନେତୃତ୍ୱ, ସୁଶାସନ ଏବଂ "ସବକା ସାଥ୍, ସବକା ବିକାଶ ଏବଂ ସବକା ବିଶ୍ୱାସ"ର ମନ୍ତ୍ରରେ ମୋହର ଲଗାଇ ବିଜେପିକୁ ଆଶୀର୍ବାଦ କରିଥିବାରୁ ଶ୍ରୀ ପ୍ରଧାନ ୟୁପିବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ୟୁପି ଜନାଦେଶ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ସଂଗଠନ କୌଶଳ, ଯୋଗୀ ଆଦିତ୍ୟନାଥଙ୍କ କ୍ରିୟାନ୍ୱୟନ ଏବଂ ବିଜେପି ୟୁପି କାର୍ଯ୍ୟକର୍ତାଙ୍କ ପରିଶ୍ରମର ଫଳ। ଜାତି, ଧର୍ମ, ତୁଷ୍ଟିକରଣର ପାରମ୍ପାରିକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ୟୁପିର ଜନତା ବିଶେଷ ଭାବରେ ମହିଳା ଓ ବିକାଶ ଯୋଦ୍ଧାମାନେ ଶାସନ, ପ୍ରଶାସନ, ବିକାଶ, ମହିଳା ସୁରକ୍ଷା ଏବଂ ଆଦର୍ଶର ରାଜନୀତିରେ ମୋହର ଲଗାଇ ଭାରତୀୟ ରାଜନୀତିକୁ ଏକ ନୂତନ ସ୍ତରକୁ ନେଇଛନ୍ତି।

### ଆଜି ନାୟବ୍ ସରପଂଚ....

ସଭାପତି ପଦବୀ ନିମନ୍ତେ ୧୩ତାରିଖ ସକାଳ ସାଢ଼େ ୧୦ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ସାଢ଼େ ୧୧ଟାରୁ ସାଢ଼େ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଚ ଓ ଅପରାହ୍ନ ୧ଟା ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର ଓ ଏକାଧିକ ପ୍ରାର୍ଥୀ ଥିଲେ ଅପରାହ୍ନ ସାଢ଼େ ୧ଟାରୁ ୪ ମଧ୍ୟରେ ଭୋଟଗ୍ରହଣ ହେବ । ଏହାପରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ । ତେବେ ଉଭୟ ପଂଚାୟତ ସମିତି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭାପତି ପଦବୀଗୁଡ଼ିକ ପାଇଁ ପରୋକ୍ଷ ନିର୍ବାଚନ ହେଉଥିବାରୁ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ସଭ୍ୟ/ସଭ୍ୟା ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ କେହି ଗୃହ ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ବାଚନ କମିଶନ କଟକଣା ଜାରି କରିଛନ୍ତି । ଏହି ନିୟମ ମଧ୍ୟ ପଂଚାୟତ ସମିତି ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ଉପ ସଭାପତି ପଦବୀ ନିମନ୍ତେ ନିର୍ବାଚନ ପାଇଁ ବି ପ୍ରଯୁଜ୍ୟ । ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ପୁଲିସ ଏସପିମାନଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

### ୟୁପିରେ ପୁଣି ଚାଲିବ....

ଏହି ରାଜ୍ୟରୁ ଆସିଥାନ୍ତି । ଆଉ ଦେଶର ମୁଡକୁ ଦର୍ଶାଇଥାଏ ଉତ୍ତରପ୍ରଦେଶ ବିଧାନସଭା ଫଳାଫଳ । ଗଭର୍ନାନ୍ସ ଉପରେ ଲୋକଙ୍କ ମତ କଣ, ଏହି ନିର୍ବାଚନ ସାମଗ୍ରିକ ବାର୍ତ୍ତା ଦେଇଥାଏ । ତେବେ ୟୁପିରେ ବିଜେପିର ସଫଳତା, ଯୋଗୀ ସରକାରଙ୍କୁ ଯେତିକି ଶ୍ରେୟ ଦେଉଛି, ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ପାଇଁ ବୁଷ୍ଟର ଡୋଜ୍ ସଦୃଶ୍ୟ ହୋଇଛି । ବିରୋଧୀଙ୍କ ରଣନୀତି ଫେଲ ମାରିଯାଇଛି । ବିଜେପିକୁ ମାତ୍ ଦେବା ପାଇଁ ଏକା ଏକା ରଣାଙ୍ଗନକୁ ଓହ୍ଲାଇଥିଲେ ଅଖିଳେଶ । କଂଗ୍ରେସ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ, ଉନ୍ନାଓ, ହାଥରସ୍ ଭଳି ମାମଲାକୁ ପ୍ରସଙ୍ଗ କରି ଶାସକ ଦଳକୁ ଘେରିଥିଲେ । ମାୟାବତୀଙ୍କ ବିଏସପି ମଧ୍ୟ ଅନେକ ଆଶା ରଖି ନିଜ ଭାଗ୍ୟ ପରୀକ୍ଷା କରିଥିଲେ । ତେବେ ବିଖଣ୍ଡିତ ବିରୋଧୀଙ୍କୁ ଚକମା ଦେବାରେ ସକ୍ଷମ ହୋଇଛି ବିଜେପି । ଜାତି ରାଜନୀତି ଉପରେ ଅଧିକ ଭରସା ରଖିଥିବା ଅଖିଳେଶ, ପୂର୍ବ ନିର୍ବାଚନ ଠାରୁ ଅଧିକ ଆସନ ପାଇଥିଲେ ବି ସରକାର ଗଢ଼ିବା ମତ ଠାରୁ ବହୁ ପଛରେ ପଡିଯାଇଛି ସମାଜବାଦୀ ପାର୍ଟିର ସାଇକେଲ୍ । ଏହି ନିର୍ବାଚନ ପୁଣି ଥରେ କଂଗ୍ରେସ ନେତୃତ୍ୱକୁ ବଡ଼ ସଂକେତ ଦେଇଛି । ଅସ୍ତିତ୍ୱ ବଜାୟ ରଖିବା ଏବେ କଂଗ୍ରେସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି । ମାୟାବତୀଙ୍କ ହାତୀର ମନ୍ଥର ଗତି ୟୁପିରେ ପ୍ରାସଙ୍ଗିକତା ହରାଇବା ଭଳି ଲାଗୁଛି ।

### ଯୁଦ୍ଧ ସଂକଟ: ରୁଷ-ୟୁକ୍ରେନ....

ଅଭିଯୋଗକୁ ଖଣ୍ଡନ କରିବା ସହ ହସ୍ପିଟାଲ ଉପରେ ଆକ୍ରମଣର କାରଣ ଓ ସବିଶେଷ ସୂଚନା ରୁଷୀୟ ସେନାକୁ ମଗାଯିବ ବୋଲି କହିଛନ୍ତି। ତେଣେ ବିବାଦର ସମାଧାନ ଲାଗି ଆଜି ପ୍ରଥମଥର ପାଇଁ ତୁର୍କୀରେ ପରସ୍ପରକୁ ଭେଟିଛନ୍ତି ୟୁକ୍ରେନ୍ ଓ ଋଷର ବୈଦେଶିକ ମନ୍ତ୍ରୀ ଆଣ୍ଟାଲିଆରେ ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଦିମିତ୍ରୋ କୁଲେବା ଓ ଋଷୀୟ ପ୍ରତିପକ୍ଷ ସର୍ଗେଇ ଲାଭ୍ରୋଭ୍ ଯୁଦ୍ଧର ସମାପ୍ତି ପାଇଁ ମୁହାଁମୁହିଁ ଆଲୋଚନା କରିଥିବା ବେଳେ, ତୁର୍କୀ ବୈଦେଶିକ ମନ୍ତ୍ରୀ ମେଭଲଟ୍ କାଭୁସୋଗ୍ଲୁ ମଧ୍ୟସ୍ଥ ଭାବେ ବୈଠକରେ ଯୋଗ ଦେଇଥିଲେ । ତେବେ ଏହି ବୈଠକ ମଧ୍ୟ ନିଷ୍ଫଳ ହୋଇଛି। ଋଷ ୨୪ ଘଣ୍ଟା ପାଇଁ ବି ଯୁଦ୍ଧ ବିରତି ଲାଗି ରାଜି ହୋଇନଥିବା ବେଳେ, ୟୁକ୍ରେନ୍ କଦାପି ଆତ୍ମସମର୍ପଣ କରିବ ନାହିଁ ବୋଲି ଚରମବାଣୀ ଶୁଣାଇ ଦେଇଛି । ୟୁକ୍ରେନ୍-ରୁଷିଆ ଯୁଦ୍ଧ ତୃତୀୟ ସପ୍ତାହରେ ପ୍ରବେଶ କରିଛି। ଉଭୟ ପକ୍ଷରୁ ହଜାର ହଜାର ସୈନ୍ୟ ପ୍ରାଣ ହରାଉଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ବି ଯାଉଛି। ଜଣ ଜଣ କରି ମୃତକଙ୍କ ଶେଷକୃତ୍ୟ ସମ୍ଭବ ହେଉନଥିବାରୁ କୁଢ଼ କୁଢ଼ ଶବକୁ ଗାତ ଖୋଳି ଏକାଠି ପୋତାଯାଉଥିବା ଦେଖିବାକୁ ମିଳିଛି।

### ପଞ୍ଜାବରେ ବୁଲିଲା ଝାଡୁ....

କେବଳ ୧୬ଟି ଆସନ। ଆଉ ୨ଟିରେ ଲିଡ୍ କରୁଛି କଂଗ୍ରେସ। ସେପଟେ ବିଜେପି ମେଣ୍ଟ କେବଳ ୨ଟି ଆସନରେ ହିଁ ଖାତା ଖୋଲିଛି। ସେହିପରି ଅକାଳୀ ମେଣ୍ଟକୁ ୪ଟି ଆସନରେ ହିଁ ସନ୍ତୁଷ୍ଟ ହେବାକୁ ପଡିଛି। ପଞ୍ଜାବରେ ବିପୁଳ ବିଜୟ ହାସଲ କରିବା ପରେ ଆପ୍ ସୁପ୍ରିମୋ ପଞ୍ଜାବବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ମୁଁ ଆତଙ୍କାଦ ନୁହେଁ ଜଣେ ସଚ୍ଚା ଦେଶଭକ୍ତ, ଏହା ପ୍ରମାଣିତ କରିଦେଖାଇଛନ୍ତି ପଞ୍ଜାବବାସୀ। ପଞ୍ଜାବରେ ପରିବର୍ତ୍ତନ ଆସିଛି ଏବେ ପୁରା ଦେଶରେ ବି ପରିବର୍ତ୍ତନ ଆଣିବା ସମୟ ଆସିଯାଇଛି। ସମସ୍ତ ମହିଳା, କୃଷକ ଓ ଯୁବକମାନଙ୍କୁ ଆମ ଆଦମୀ ପାର୍ଟିରେ ଯୋଗ ଦେବାକୁ କେଜ୍ରିୱାଲ ଅପିଲ କରିଛନ୍ତି।

## ରୋଟାରୀ ଇନରହୁଇଲ ଶାଶ୍ୱତ କ୍ଲବ ପକ୍ଷରୁ ବିଶ୍ୱ ମହିଳା ଦିବସ

ବାଲେଶ୍ୱର,୧୦/୦୩ (ନି.ପ୍ର): ରୋଟାରୀ ଇନରହୁଇଲ ଶାଶ୍ୱତ କ୍ଲବ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଶିକ୍ଷୋଦ୍ୟୋଗୀ ଅଲିଭା ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସମାଜର ପ୍ରତିଟି କ୍ଷେତ୍ରରେ ମହିଳାଙ୍କ ଅଗ୍ରଗତି ତଥା ସଫଳତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରୋଟାରୀ କ୍ଲବ ଶାଶ୍ୱତର ସଭାପତି ଡାକ୍ତର କୁମାର ଗୋପାଲ ଓ ଉପଦେଷ୍ଟା ଇଂ ହୃଷୀକେଶ ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା, ଆତ୍ମବିଶ୍ୱାସ ଓ ସଚେତନତା ହିଁ ମହିଳାଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିରୋଟାରୀ ଇନରହୁଇଲ ଶାଶ୍ୱତ କ୍ଲବର ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା କଲ୍ୟାଣୀ ନନ୍ଦ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଯକ୍ଷ୍ମା କେନ୍ଦ୍ରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ



ବାରିପଦା, ୧୦/୦୩ (ନି.ପ୍ର): ଜିଲା ଯକ୍ଷ୍ମା କେନ୍ଦ୍ର ଠାରେ କଳିଙ୍ଗ ଟିବି ସରଭାଇବର ନେଟୱାର୍କ ମୟୁରଭଞ୍ଜ ଗୋଷ୍ଠୀ ,ଜିଲ୍ଲା ଯକ୍ଷ୍ମା କେନ୍ଦ୍ର ବାରିପଦା ଓ ରିଚ ଅନୁଷ୍ଠାନର ମିଳିତ ଉଦ୍ୟମ ରେ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକ ରେ ଏଡିପିଏଚଓ ଟିବି ଡାକ୍ତର ଏମ.ଏନ.ହାସନ, ଜିଲା ଯକ୍ଷ୍ମା କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ଦିନକୃଷ୍ଣ ବାରିକ, ଏଏନଏମ କେନ୍ଦ୍ର ର ଅଧ୍ୟକ୍ଷ କୁନ୍ତଳା ପାତ୍ର, କଳିଙ୍ଗ ଟିବି ସରଭାଇବର ନେଟୱାର୍କ ମୟୁରଭଞ୍ଜ ଗୋଷ୍ଠୀ ର ମଧୁସ୍ମିତା ନାଏକ, ସପନା ବେହେରା, ବିନୟ ପାତ୍ର, ତାପସ ବେହେରା, ବାସୁଦେବ ତୁଙ୍ଗ ଓ ଶୁଭ୍ରକାନ୍ତ ଶତପଥି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ରିଚ ଅନୁଷ୍ଠାନ ର ତପନ କୁମାର ପ୍ରଧାନ କାର୍ଯ୍ୟକ୍ରମ କୁ ରୂପରେଖ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ମହିଳା ଙ୍କ ଅଧିକାର ଓ ମହିଳା ସଶକ୍ତିକରଣ ବିଷୟ ରେ ଆଲୋଚନା କରାଯାଇଥିଲା । ବିଶେଷ କରି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ମହିଳା ଙ୍କୁ କିପରି ଅଗ୍ରାଧିକାର ରୂପକ ସରକାରୀ ବ୍ୟବସ୍ଥା ରେ ସାମିଲ କରାଯିବ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯକ୍ଷ୍ମା ରୋଗରେ ଆକ୍ରାନ୍ତ ମହିଳା ଙ୍କୁ ସମାଜ ର ଭେଦଭାବ ଓ କୁସଂସ୍କାର ରୁ କିପରି ମୁକ୍ତି ଦିଆଯିବ ତାହା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଶେଷରେ ଡାକ୍ତର ହାସନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ପିଏନବି ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ

ବାଲେଶ୍ୱର,୧୦/୦୩ (ନି.ପ୍ର): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ମଣ୍ଡଳ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ମୟୁରଭଞ୍ଜ ଜିଲାର କୁଳିଅଣା ବ୍ଲକ ଅନ୍ତର୍ଗତ ତୋଳକଚ୍ଛୁଇଁ ଗ୍ରାମରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା(ସିଏସଆର) ଅଂଶବିଶେଷ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତୋଳକଚ୍ଛୁଇଁ ଗ୍ରାମକୁ ବ୍ୟାଙ୍କ ପକ୍ଷରୁ ପୋଷ୍ୟ ଗ୍ରାମ ହିସାବରେ ଗ୍ରହଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ମଣ୍ଡଳ ମୁଖ୍ୟ ପୁରୁଷୋତ୍ତମ ପଟ୍ଟନାୟକ ଯୋଗ ଦେଇ ଗ୍ରାମବାସୀଙ୍କୁ ବିଭିନ୍ନ ବ୍ୟାଙ୍କିଙ୍ଗ ସେବା ବିଷୟରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମର ଫୁଟବଲ କ୍ଲବ ସଦସ୍ୟମାନଙ୍କୁ ଖେଳସାମଗ୍ରୀ ବଣ୍ଟନ କରାଯାଇଥିଲା। ଗ୍ରାମର ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ବ୍ୟାଙ୍କରୁ ବିଭିନ୍ନ ସହାୟତା ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏହି ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ନିକଟସ୍ଥ ବ୍ୟାଙ୍କ ଶାଖାର ଶାଖା ପ୍ରବନ୍ଧକ ପରମେଶ୍ୱର ହାଁସଦା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ ତରଫରୁ ଏକ ସମ୍ମାନ ସମାରୋହ




ବାରିପଦା, ୧୦/୦୩ (ନି.ପ୍ର): ବାରିପଦା ସ୍ଥିତ ରୋଟାରୀ କ୍ଲବ ତରଫରୁ ଏକ ଭବ୍ୟ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ବିଶ୍ୱରେ ମହିଳାଙ୍କ ସହନଶୀଳତା, ପାରଦର୍ଶିତା, ସତ୍ୟନିଷ୍ଠ ଭାବନା ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରି ତାଙ୍କୁ ସମ୍ମାନୀତ କରା ଯାଇଥିଲା । ମୂଖ୍ୟ ଆକର୍ଷଣ ରୂପେ ବାରିପଦା ସହର ନଗର ନିଗମର ସମସ୍ତ ମହିଳା କର୍ମଚାରୀଙ୍କୁ ନେଇ ଖେଳକୁଦ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ସହିତ ତାଙ୍କ ଭିତରୁ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ , ତାଙ୍କ ଭିତରୁ ସର୍ବୋତ୍କୃଷ୍ଟ ମହିଳା ଙ୍କୁ ମାନପତ୍ର ପ୍ରଦାନ କରି ତାଙ୍କ କାର୍ଯ୍ୟ ଦକ୍ଷତା କୁ ସମ୍ମାନୀତ କରା ଯାଇଛି । ଏଥିରେ ମୂଖ୍ୟ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଝରଣା ବେହେରା , ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ପ୍ରଯୋଜିକା ପିଙ୍କି ମାର୍ଣ୍ଡି ଓ ଶ୍ରୀମତୀ ମୌସୁମୀ ବେନାର୍ଜୀ, ରୋଟାରାକ୍ଟ ସଭାପତି ରୋହୀମା ନିଶା ପ୍ରମୁଖ ମହିଳାଙ୍କ ପ୍ରତି ଉଦବୋଧନ ଦେଇ ତାଙ୍କୁ ପୁରସ୍କୃତ କରିଥିଲେ । ଏହା ସହ ରୋଟାରୀ ସଭାପତି ରାଜକୁମାର ଖଣ୍ଡେଲୱାଲ, ସମ୍ପାଦକ ରାକେଶ ସିଂ ଓ ରୋଟାରାକ୍ଟ କର୍ମକର୍ତା ବିଦ୍ୟାସାଗର ଦାସ, ଲକ୍ଷ୍ମୀପ୍ରିୟା ସାହୁ, ମାମୁନି ଜିତ୍, ହାର୍ଷିତା, ଦିଶା, ଶୁଭମ, ସୌରଭ ପଣ୍ଡା, ସୌଭାଗ୍ୟ, ରାମ ମୁଖୀ,ତପନ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜଧାନୀରେ ଆଉ ୧୨ ପଜିଟିଭ୍

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଭୁବନେଶ୍ୱରରେ ଗୁରୁବାର ଦିନ ଆଉ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଂଟାରେ ଆଉ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି। ଗତକାଲି ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୮୫ ରେ ପହଂଚିଥିବା ବେଳେ ୧୫୪୮୯୨ ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ଆଉ ୨୮୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

## ଯାଞ୍ଚପରେ ସବୁ ମନୋନୟନ ପତ୍ର କାଏମ୍ : ଜଳେଶ୍ୱର ପୌର ନିର୍ବାଚନରେ ୮୦ ପ୍ରାର୍ଥୀ

ଜଳେଶ୍ୱର, ୧୦/୩ (ନି.ପ୍ର) : ଆସନ୍ତା ପୌର ନିର୍ବାଚନରେ ଜଳେଶ୍ୱର ପୌର ପାଳିକାରେ ମୋଟ ୮୦ଜଣ ଯୋଗ୍ୟ ପାର୍ଥି ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଜଣ ପୌରଧ୍ୟକ୍ଷ ପଦବିଲାଗି ନର୍ବାଚନ ଲଢୁଥିବା ଜଣାଯାଇଛି । ଗତ ୮ ତାରିଖ ଯାଞ୍ଚ ପରେ ପୌର ନିର୍ବାଚନର ପ୍ରାର୍ଥି ମାନଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି । ଜଣେ ପ୍ରାର୍ଥିଙ୍କର ୨ରୁ ଅଧିକ ସନ୍ତାନ ଥିବାର ଅଭିଯୋଗ ହୋଇଥିଲେ ମଧ୍ୟ ତାହା ୧୯୯୫ ମସିହା ପୂର୍ବରୁ ହୋଇଥିବାରୁ ଯାଞ୍ଚବେଳେ କାଏମ ରଖାଯାଇଛି । ୧ନଂ ୱାର୍ଡ ଅଣସଂରକ୍ଷିତ ଥିବା ବେଳେ ସେଥିରୁ ୭ଜଣ ପ୍ରାର୍ଥି ନିର୍ବାଚନ ଲଢୁଥିବା ଜଣାଯାଇଛି । ୨ନଂ ୱାର୍ଡ ଅଣସଂରକ୍ଷଣ ଥିବା ବେଳେ ସେଥିରୁ ୩ଜଣ, ୩ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୪ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ୫ଜଣ, ୫ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୩ଜଣ, ୬ନଂ ୱାର୍ଡ ଅଣସଂରକ୍ଷଣ ଥିବା ବେଳେ ସେଥିରୁ ୨ଜଣ, ୭ନଂ ୱାର୍ଡ ଅଣସଂରକ୍ଷଣ ଥିବା ବେଳେ ସେଥିରୁ ୬ଜଣ, ୮ନଂ ୱାର୍ଡ ଅଣ ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୯ନଂ ୱାର୍ଡ ଅଣସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୧୦ନଂ ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୧୧ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୩ଜଣ, ୧୨ନଂ ୱାର୍ଡ ଅଣସଂରକ୍ଷଣ ହୋଇଥିବା ବେଳେ ସେଥିରୁ ୪ଜଣ, ୧୩ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୧୪ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ, ୧୫ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୪ଜଣ, ୧୬ନଂ ୱାର୍ଡ ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୫ଜଣ ଓ ୧୭ନଂ ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ସେଥିରୁ ୩ଜଣ ନିର୍ବାଚନ ଲଢୁଥିବା ନିର୍ବାଚନ ଅଧିକାରୀ ଅଜୟ ମହାପାତ୍ର ଓ ପ୍ରଶାସନୀକ ଅଧିକାରୀ ନିଲୁ ମହାପାତ୍ର ଆଜି ସୂଚନା ଦେଇଛନ୍ତି ।

## ପୁଷ୍ଟିକର ଖାଦ୍ୟ ମେଳା ଉଦ୍‌ଘାଟିତ

କନ୍ଧମାଳ, ୧୦/୦୩ (ନି.ପ୍ର): ଦାରିଙ୍ଗବାଡି ବ୍ଲକ ସାରଙ୍ଗିଇପି ସ୍ଥିତ ଆମ୍ବ ତୋଟା ନିକଟରେ ପୁଷ୍ଟିକର ଖାଦ୍ୟ ମେଳା ଉଦ୍ ଘାଟିତ ହୋଇ ଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜାଗୃତୀର ସମ୍ପାଦକ କୈଳାସ ଚନ୍ଦ୍ର ଦଂଡ ପାଟଙ୍କ ତତ୍ତ୍ୱାବଧାନରେ ଜିଲା କୃଷି ଅଧିକାରୀପ୍ରଶାନ୍ତ କୁମାର ଶତପଥୀ ଦାରିଙ୍ଗବାଡ ବିଡିଓ,ବ୍ଲକ କୃଷି ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷୁଦ୍ର ଦାନା ଶସ୍ୟରେ ତିଆରି ହୋଇଥିବା ପିଆଜି, ପକୁଡି, ପିଠା, କ୍ଷୀରି, କାକରା, ସୁପ୍, ଲଡୁ ଭଳି ଅନେକ ଖାଦ୍ୟ ଖାଇବା ପାଇଁ ଲୋକଙ୍କୁ ଦିଆଯାଇଥିଲା । ମିଲେଟ୍ ମିଶନ୍ ପ୍ରକଳ୍ପ ରେ କାର୍ଯ୍ୟ ଚାଲିଥିବା ପୁଷ୍ଟିକର କ୍ଷୁଦ୍ର ଶସ୍ୟ ଖାଦ୍ୟ ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ ଅତିଥି ।

## ଗୋଟିଏ ଦିନରେ ୧୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୩୫୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୧୫୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୪୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୮ ଜଣଙ୍କ ମଧ୍ୟରୁ ୬୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲାରୁ ସବୁଠାରୁ ଅଧିକ ୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୮ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ଗଜପତି ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩, କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କରିବେ କ୍ଷେତ୍ର ପରିଦର୍ଶନ

ଜଳେଶ୍ୱର, ୧୦/୩ (ନି.ପ୍ର) : ଜଳେଶ୍ୱର ଏକ କୃଷି ପ୍ରଧାନ ଅଂଚଳ ହୋଇଥିବା ବେଳେ ରବି ଋତୁରେ ବ୍ୟାପକ ଅଧିକ ଅମଳକ୍ଷମ ଧାନଚାଷ ହୋଇଥାଏ । କିନ୍ତୁ ଏଥିରେ ବ୍ୟାପକ ଭୂତଳ ଜଳ ଉତ୍ତୋଳନ, ଅଧିକ ସାର ଓ କୀଟ ନାସକ ବ୍ୟବହାର ହେଉଥିବାରୁ ଚାଷୀମାନଙ୍କୁ ସଚେତନ କରି କମ୍ ଖର୍ଚ୍ଚ, ଅଳ୍ପ ସମୟରେ ଅର୍ଥକାରୀ ଫସଲ ଲାଗି କୃଷି ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି କରାଯାଇ ଆସୁଛି । ତେଣୁ ସରକାରଙ୍କ ପକ୍ଷରୁ ପ୍ରାୟ ୪୨୨ ଏକର ଜମିରେ ସୋରିଷ ପ୍ରଦର୍ଶନ କ୍ଷେତ୍ର (ଫାଉଣ୍ଡେସନ) ଚାଷ ହୋଇଛି । ଏହାକୁ ବିକ୍ରିଲାଗି ଚାଷୀ ଚିନ୍ତିତ ଥିବା ବେଳେ ଆସନ୍ତା ଶୁକ୍ରବାର ବାଲେଶ୍ୱର ଜିଲା ମୁଖ୍ୟ କୃଷି ଅଧିକାରୀ ସେ ଅଂଚଳକୁ ଯିବେ ବୋଲି ଆଜି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଜଳେଶ୍ୱର ବ୍ଲକ ଅଂଚଳରେ ପ୍ରାୟ ୧୦ହଜାର ହେକ୍ଟରରୁ ଅଧିକ ଧାନଚାଷ ରବି ଋତୁରେ ହେଉଥିବାବ ବେଳେ ଚଳିତବର୍ଷ ଚାଷୀଙ୍କୁ ସଚେତନ କରାଇ ସୋରିଷ, ମୁଗ, ବିରି ଓ ଆଖୁ ଚାଷ ଲାଗି ପ୍ରଶିକ୍ଷଣ ଓ ସଚେତନ କରାଯାଇଛି । ରବିଋତୁରେ ୨୯୮ ଜଣ ବ୍ୟକ୍ତିଙ୍କୁ ୨ କେଜିର ସୋରିଷ ମଂଜ ବଂଣ୍ଟନ କରାଯାଇ ପ୍ରାୟ ୫୦ ହେକ୍ଟର ଜମିରେ ବ୍ୟାପକ ସୋରିଷଚାଷ କରାଯାଇଛି । ଗିରିରାଜ ନାମକ ସୋରିଷ ବିହନ ବ୍ୟାପକ ଚାଷ ରାୟାଁରାମଚନ୍ଦ୍ରପୁର, ପାଇକସିଦା, ବାଇଗଣବାଡିଆ ଓ ମାକିଡିଆ ପଂଚାୟତରେ ଚାଷ ହୋଇଛି । ଚଳିତବର୍ଷ ଅଧିକ ଦିନ ଥଣ୍ଡା ପାଗ ରହିବାରୁ ଗିରିରାଜ ସୋରିଷ ଅଧିକ ଅମଳ ହେବ ବୋଲି ଆଶା କରାଯାଉଛି । ଥରକୁଥର ଅଳ୍ପ ଅଳ୍ପ ବର୍ଷା ହେଉଥିବାରୁ ଚାଷପ୍ରତି ଅନୁକୂଳ ପ୍ରଭାବ ପଡିଛି । ବ୍ୟାପକ ସୋରିଷଚାଷ ଅମଳ ହେଉଥିବା ଯୋଗୁଁ ଏବଂ ବିକ୍ରିଲାଗି ବଜାର ନଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି । ଏ ସମ୍ପର୍କରେ ଜଳେଶ୍ୱର କୃଷି ଗୋଷ୍ଠି ଅଧିକାରୀ ସଂଜୟ ରାଉତ ଆଜି ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ବାଲେଶ୍ୱର ଜିଲା କୃଷି ମୁଖ୍ୟ ଅଧିକାରୀ ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ଉପରୋକ୍ତ ଅଂଚଳବୁଲି ସୋରିଷ ପ୍ରଦର୍ଶନୀ କ୍ଷେତ ଅମଳ ଦେଖିବେ ବୋଲି ସୂଚନା ମିଳିଛି ।

# ଜୀବନ ସହ ସଂଘର୍ଷ କରୁଛି ଅର୍ଦ୍ଧଦଗ୍ଧ ପିଙ୍କି

କନ୍ଧମାଳ,୧୦/୦୩ (ନି.ପ୍ର): ଦାରିଙ୍ଗବାଡି ବ୍ଲକ ଝିଞ୍ଜିରୀଗୁଡା ପଂଚାୟତ ଗଙ୍ଗମା ଗ୍ରାମର ମୃତ୍ୟୁଞ୍ଜୟ ମଲିକଙ୍କ ଝିଅ ପିଙ୍କି ର ଜୀବନ ଏବେ ମରଣ ଠୁ କଷ୍ଟ ଦାୟକ ହୋଇ ପଡିଛି । ସରକାର ଗରୀବ ଅସହାୟଙ୍କ ପାଇଁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରୀ ଯୋଜନା କରୁଛନ୍ତି । ସେହି ପରି ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବିଜୁ ସ୍ମାର୍ଟ କାର୍ଡ ରହିଛି । ହେଲେ ତା'ର ସୁବିଧା ଗରୀବ ପାଇଁ ଅପହଂଚ ପାଲଟିଛି । ଏଥିରୁ ବଂଚିତ ହୋଇଛନ୍ତି ପିଙ୍କି ମଲିକ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାକୁ କଟକ ମେଡିକାଲ୍ ନିଆଯାଇଥିଲା ହେଲେ ଚିକିତ୍ସା ପାଇଁ ଅର୍ଥ ବାଧକ ସହିତ ଅଧରକ ଚିକିତ୍ସାର ଆବଶ୍ୟକ କହି କଟକ ମେଡିକାଲରୁ ଫେରାଇଦେଲେ ଡାକ୍ତର । ଫଳରେ ଗରୀବ ବାପ ମୃତ୍ୟୁଞ୍ଜୟ ତାକୁ ଘରକୁ ନେଇ ଆସିଛନ୍ତି । ଅଧିକ ଚିକିତ୍ସା ପାଇଁ ପରିବାର ଲୋକ ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଗତ ଜାନୁୟାରୀ ୨୩ ରେ ୧୦ମ ଶ୍ରେଣୀରେ ପଢୁଥିବା ପିଙ୍କି ପରିବାରର ସଦସ୍ୟମାନେ ଘରେ ନଥିବା ବେଳେ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗ୍ରାମବାସୀଙ୍କ ସହ ଯୋଗରେ ପ୍ରଥମେ ବ୍ରାହ୍ମଣୀ ଗାଁ ପରେଫୁଲବାଣୀ ମୁଖ୍ୟ ଚିକିତ୍ସାକେନ୍ଦ୍ର,ପରେ ବ୍ରହ୍ମପୁର ବଡ ଡାକ୍ତଖାନା ସେଠାରୁ କଟକ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା । କଟକରେ ପ୍ରତିଦିନ ଡ୍ରେସିଂ ପାଇଁ ୨ଶହ ଟଙ୍କା ଦେବାକୁ ପଡେ ତାହା ଦେବା ମଧ ପିଙ୍କିର ପରିବାର ପାଇଁ କଷ୍ଟକର ଥିଲା । କରଜ କରି ନେଇଥିବା ଟଙ୍କା ସରିଯିବାରୁ ବାଧହୋଇ କଟକରୁ ନିଜ ଘରକୁ ଫେରି ଆସିଲେ । ଘରେପଡି ରହି ଜୀବନ ସହ ସଂଘର୍ଷ କରୁଛି କିଶୋରୀ ପିଙ୍କି । କୁଲି ଲେବର କାମ କରି ପରିବାର ପ୍ରତିପୋଷଣ କରୁଥିବା ମୃତ୍ୟୁଞ୍ଜୟ ପାଇଁ ଘର ଚଳାଇବା ସହ ଝିଅର ଡାକ୍ତରଖାନା ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇ ପଡୁଛି । ଯଦି ଜିଲା ପ୍ରଶାସନ ପିଙ୍କିର ଚିକିତ୍ସା ଦାୟିତ୍ୱ ନେବା ସହ ଏହି ଗରୀବ ପରିବାରକୁ କିଛି ଆର୍ଥିକ ସହାୟତା ପ୍ରଦାନ କରନ୍ତେ ଉପକୃତ ହେବେବୋଲି ଏହି ଅଂଚଳବାସୀ ଅନୁରୋଧ କରିଛନ୍ତି ।

# ପୌର ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ବୈଠକ

ଭୁବନେଶ୍ୱର, ୧୦/୦୩ (ନି.ପ୍ର): ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌରସଂସ୍ଥାଗୁଡ଼ିକର ସାଧାରଣ ନିର୍ବାଚନ ନିମନ୍ତେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ, ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ବୈଠକ କରିଛନ୍ତି । ନିର୍ବାଚନ କମିଶନରଙ୍କ ସହ ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା (ଆଇନଶୃଙ୍ଖଳା) ଉପସ୍ଥିତ ରହି ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହ ପୌର ନିର୍ବାଚନ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ନିର୍ବାଚନ ପୂର୍ବର ପ୍ରସ୍ତୁତି ଯଥା- କର୍ମଚାରୀମାନଙ୍କର ତାଲିମ, ନିର୍ବାଚନ ସାମଗ୍ରୀ ବିତରଣ, ବାଲାଟ୍ ପେପର ପ୍ରସ୍ତୁତି, ଷ୍ଟ୍ରଙ୍ଗରୁମ୍ ସ୍ଥାପନ ଓ ମତଗଣନା ଇତ୍ୟାଦି କାର୍ଯ୍ୟଗୁଡ଼ିକ କିପରି ଭାବେ ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ବିସ୍ତୃତ ଭାବେ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟର ଅବଗତ କରାଇଥିଲେ । ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ କଡ଼ାକଡ଼ି ଭାବେ ଏହାକୁ ପାଳନ କରିବା ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନ ଗୁରୁତ୍ୱାରୋପ କରିଛନ୍ତି । ପୌରନିର୍ବାଚନ ନିମନ୍ତେ ଦୁଇପ୍ରକାରର ବାଲାଟ୍ ପେପର ଇଭିଏମ୍‌ରେ ରହିବ । କାଉନ୍‌ସିଲର/କର୍ପୋରେଟର ପ୍ରାର୍ଥୀମାନଙ୍କ ପାଇଁ ଗୋଲାପି ରଙ୍ଗର ବାଲାଟ୍ ପେପର ଏବଂ ଅଧ୍ୟକ୍ଷ/ମେୟର ପ୍ରାର୍ଥୀମାନଙ୍କ ନିମନ୍ତେ ହଳଦିଆ ରଙ୍ଗର ବାଲାଟ୍ ପେପର ନିର୍ବାଚନରେ ବ୍ୟବହାର କରାଯିବ । ପ୍ରତି ବୁଥ୍‌ରେ ଦୁଇଗୋଟି ଇଭିଏମ୍ ରହିବ । କାଉନ୍‌ସିଲର/କର୍ପୋରେଟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ଏବଂ ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ରହିବ। ଭୋଟରମାନେ ମତଦାନ କକ୍ଷ ମଧ୍ୟରେ ସହଜରେ ମତଦାନ କରିବା ପାଇଁ ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଅଠାଥିବା ଷ୍ଟିକର ଲଗାଯିବ। କାଉନ୍ ସିଲର/କର୍ପୋରେଟର ନିର୍ବାଚନ ପାଇଁ ଥିବା ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଗୋଲାପି ରଙ୍ଗର ଷ୍ଟିକର ଏବଂ ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ଥିବା ଇଭିଏମ୍ ର କଂଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ହଳଦିଆ ରଙ୍ଗର ଷ୍ଟିକର ଲଗାଯିବ । ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ନାମ ବାଲାଟ୍ ପେପରରେ ଓଡ଼ିଆ ବର୍ଣ୍ଣମାଳାର କ୍ରମାନୁସାରେ ରହିବ । ପୌର ନିର୍ବାଚନବେଳେ ପ୍ରତ୍ୟେକ ବୁଥ୍‌ରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ଷ୍ଟ୍ରଙ୍ଗରୁମ୍ ପାଇଁ ୨୪ ଘଂଟିଆ କଡ଼ା ସୁରକ୍ଷା ସହ ସିସିଟିଭି, ଭୋଟଗଣତି ଓ ଫଳାଫଳ ଘୋଷଣାବେଳେ ପୁଲିସ୍ ପ୍ରଶାସନ ସଂପୂର୍ଣ୍ଣ ସଜାଗ ରହିବା ସହ କଡ଼ା ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା ସୂଚନା ଦେଇଛନ୍ତି ।

## ଜିଲ୍ଲାରେ ୩୧ ଜଣ ବାଲି ମାଫିଆଙ୍କୁ ଗିରଫ କରିଛି ଜିଲ୍ଲା ପୋଲିସ

ପୁରୀ, ୧୦/୦୩ (ନି.ପ୍ର): ଜିଲ୍ଲାରେ ଲଘୁଜାତ ଖଣିଜଦ୍ରବ୍ୟ ବାଲି ଚୋରା ଚାଲଣକୁ ରୋକିବା ପାଇଁ ଏସପି କେ.ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଧରପଗଡ଼ କରାଯାଇଥିଲା । ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ଟିମ ଗଠନ କରାଯାଇଥିଲା । ଏ ସଂପର୍କରେ ଜିଲ୍ଲାର ବିଭିନ୍ନ ଥାନାରେ ୨୨ ଟି ମାମଲା ରୁଜୁ କରାଯାଇଛି । ଗତ ୧୦ ଦିନ ମଧ୍ୟରେ ୨୨ଟି ଯାନ ସିଜ୍ ହେବା ସହ ୨୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି । ପିପିଲି ଥାନାରେ ୫ଟି ମାମଲା, ୫ଟି ଗାଡ଼ି ଓ ୫ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ସେହିପରି ସତ୍ୟବାଦୀ ଥାନାରେ ୬ଟି ମାମଲା, ୬ଟି ଗାଡ଼ି ଓ ୬ ଅଭିଯୁକ୍ତ, ଡ଼େଲାଙ୍ଗ ଥାନାରେ ୪ଟି ମାମଲା ,୪ଟି ଗାଡ଼ି ଓ ୪ ଅଭିଯୁକ୍ତ, କାକଟପୁର ଥାନାରେ୨ ମାମଲା, ୨ ଗାଡ଼ି ଓ ୪ ଅଭିଯୁକ୍ତଙ୍କୁ ଗିରଫ କରଯାଇଛି । ବଳଙ୍ଗା ଥାନାରେ ୨ ମାମଲା, ୨ ଗାଡ଼ି ଓ ୨ ଅଭିଯୁକ୍ତ, ବ୍ରହ୍ମଗିରି ଥାନାରେ ୩ ମାମଲା, ୩ ଗାଡ଼ି ଓ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

# ଆରଏସଏସ ପ୍ରାନ୍ତ ପ୍ରଚାରକଙ୍କ ପୂଣ୍ୟ ତିଥିରେ ରକ୍ତଦାନ ଶିବିର



ବାଲେଶ୍ୱର,୧୦/୦୩ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ବାଲେଶ୍ୱର ଶାଖା ପକ୍ଷରୁ ପୂର୍ବତନ ଓଡ଼ିଶା ପ୍ରାନ୍ତ ପ୍ରଚାରକ ହରିହର ନନ୍ଦଙ୍କର ପୁଣ୍ୟ ତିଥିରେ ଏକ ରକ୍ତଦାନ ଶିବିର ଗୋପଳଗାଁ ସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆରଏସଏସର ଭାରତୀୟ ସଂସ୍କୃତି ପ୍ରଚାର ସମିତି ଏବଂ ସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ବାଲେଶ୍ୱର ଲାୟନ୍ସ କ୍ଲବ ସମ୍ପାଦକ ତଥା ଉଦ୍ୟୋଗପତି ଗୋପାଳ ଖଣ୍ଡେଲୱାଲ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଏବଂ ଅଶ୍ୱିନୀ କୁମାର ଶତପଥି ମିଳିତ ଭାବେ ଉଦଘାଟନ କରିଥିଲେ। ସ୍ୱର୍ଗତ ନନ୍ଦଙ୍କର ତ୍ୟାଗପୂତ ଜୀବନ ଏବଂ ଓଡ଼ିଶାରେ ସଙ୍ଘ କାର୍ଯ୍ୟ ବିସ୍ତାରରେ ତାଙ୍କର ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ତେବେ ତାଙ୍କର ପୁଣ୍ୟ ତିଥିରେ ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ ବେଶ ଶୁଦ୍ଧ ମାନସିକତାର ପ୍ରତିଫଳନ ବୋଲି ସେମାନେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟବାହ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମିତିର ସଭାପତି ଭଗବାନ ଦାଶ ଖଣ୍ଡେଲୱାଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା। ଜିଲା ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ଏହି ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଭଞ୍ଜନ ପାଢ଼ୀ, ସଞ୍ଜୟ ଖଣ୍ଡେଲୱାଲ, ଗୋପାଳ ନାୟକ, ଅମର ନାଥ ସେଠୀ ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଖୋର୍ଦ୍ଧା ପୌର ନିର୍ବାଚନ : କାୟମ ରହିଲା ୭୬ ପ୍ରାର୍ଥୀଙ୍କ ପାର୍ଥିପତ୍ର

ଖୋର୍ଦ୍ଧା,୧୦/୦୩ (ନି.ପ୍ର): ପୌର ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି।ଏପରିକି ନିର୍ବାଚନ ପାଇଁ ପ୍ରାର୍ଥୀମାନେ ନାମାନଙ୍କ ପତ୍ର ଦାଖଲ କରିଛନ୍ତି।ତେବେ ସାତ ତାରିଖ ପ୍ରାର୍ଥୀପତ୍ର ଶେଷ ତାରିଖ ହୋଇଥିଲା।ପରେ ଦୁଇ ଦିନ ଧରି ପୌର କାର୍ଯ୍ୟାଳୟ ପରିସରରେ ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।ତେବେ ଖୋର୍ଦ୍ଧା ପୌରାଞ୍ଚଳର ୨୨ଟି ୱାର୍ଡ ପାଇଁ ପୌରାଧ୍ୟକ୍ଷା ଓ କାଉନସିଲର ପାଇଁ ମୋଟ ୭୬ଜଣ ପାର୍ଥି ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।ଏପରିକି ପୌରାଧ୍ୟକ୍ଷା ପଦବୀ ପାଇଁ ମୋଟ ୫ଜଣ ପ୍ରାର୍ଥୀ ନାମାନଙ୍କ କରିଥିବା ବେଳେ ବିଜେପି, ବିଜେଡି ଓ କଂଗ୍ରେସ ପକ୍ଷରୁ ତିନି ଜଣ ପ୍ରାର୍ଥୀ ନାମାନଙ୍କ ଭରି ଥିବା ବେଳେ ଦୁଇ ଜଣ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାନଙ୍କ କରିଛନ୍ତି।ସେହିପରି ଭାବେ କାଉନସିଲର ପଦବୀ ପାଇଁ ବିଜେଡିର ୨୨ଜଣ,ବିଜେପିର ୧୯ଜଣ ଓ କଂଗ୍ରେସ ପକ୍ଷରୁ ୧୦ଜଣ ପ୍ରାର୍ଥୀ ନାମାନଙ୍କ ଭରି ଥିବାବେଳେ ୨୦ଜଣ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାନଙ୍କ କରିଛନ୍ତି।ହେଲେ ଦୁଇ ଦିନ ଧରି ପ୍ରାର୍ଥୀପତ୍ର ଯାଞ୍ଚ ଚାଲିଥିଲା।କିନ୍ତୁ ଯାଞ୍ଚ ସମୟରେ କୌଣସି ପ୍ରାର୍ଥୀଙ୍କ ନାମାନଙ୍କ ପତ୍ର ନାକଚ ହୋଇନଥିବା ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିପରି ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ପାର୍ଥିପତ୍ର ର ପ୍ରତିହାର ଦିବସ ରହିଛି।

## ପଂଜାବ ମୁଖ୍ୟମନ୍ତ୍ରୀ ଚନ୍ନି କ୍ୟାବିନେଟ ବୈଠକ ଡକାଇ ଇସ୍ତଫା ଦେବେ

ଚଣ୍ଡିଗଡ଼, ୧୦/୦୩ (ନି.ପ୍ର): ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟର ସୂଚନା ପାଇବା ପରେ ପଂଜାବର ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ଶୁକ୍ରବାର ଦିନ କ୍ୟାବିନେଟ ବୈଠକ ଡାକିଛନ୍ତି । ଚନ୍ନି କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି । ଗୁରୁବାର ଦିନ ବିଧାନସଭା ନିର୍ବାଚନର ଫଳାଫଳ ସୂଚିତ ହେବା ପରେ ଚରଣଜିତ ସିଂ ଚନ୍ନି କ୍ୟାବିନେଟ ବୈଠକ ଡାକିଛନ୍ତି । ଏହି ବୈଠକରେ ଚନ୍ନି ସିଧାସଳଖ ପଂଜାବର ସିଭିଲ ସେକ୍ରେଟାରିଏଟରୁ ରାଜଭବନକୁ ଯାଇ ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ।

# ସିପିଏଲ ସିଜିନ ୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୧୦/୦୩ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସିପିଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ଜଗନ୍ନାଥ ୱରିୟାର୍ସ ସ୍ୱାରଟାନ୍ସକୁ ୭ ଉଇକେଟରେ ପରାସ୍ତ କରିଥିଲେ। ସ୍ୱାରଟଓନ୍ସ ୧୦ ଓଭରରେ ୬ ଉଇକେଟ ହରାଇ ୧୧୫ ରନ କରିଥିଲେ। ଦଳ ପକ୍ଷରୁ ଦିବ୍ୟେଶ ମହାନ୍ତି ୬୪ ଓ ଶୁଭଦତ ଦ୍ୱିବେଦୀ ୨୫ ରନ କରିଥିବାବେଳେ ବିପକ୍ଷ ଦଳର ସାମଶେର ଆଲାମ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଜଗନ୍ନାଥ ୱରିୟାର୍ସ ୮.୪ ଓଭରରେ ୩ଉଇକେଟ ହରାଇ ୧୧୮ ରନ କରିଥିଲେ । ଦଳ ପକ୍ଷରୁ ସୁଧାକର ନାଏକ ୬୧ ଓ ଗୌତମ ପଲେଇ ୩୯ ରନ କରିଥିବାବେଳେ ବିପକ୍ଷ ଦଳର ସୁଧାକର ନାଏକ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଆଜିର ଖେଳକୁ ଅଭିଲାଷ ବିଶ୍ୱାଳ, ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ପରିଚାଳନା କରି ଥିବାବେଳ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚରେ ସ୍ୱାରଟଓନ୍ସ ଷ୍ଟେସନ ଥାଂଡରକୁ ୮ ଉଇକେଟରେ ପରାସ୍ତ କରିଥିବା ବେଳେ ଶେଷ ମ୍ୟାଚରେ ପ୍ଲେବେକ -୧୧ ଥ୍ରୀଲାର୍ସକୁ ୪୯ ରନରେ ପରାସ୍ତ କରିଥିଲେ । ଆୟୋଜକ ସତ୍ୟନାରାୟଣ ଜୀଉ, ସନ୍ଦୀପ୍ତ ମଲ୍ଲିକ, ଚନ୍ଦନ ନାଥ ଓ ଚନ୍ଦନ ଚାପେଲକର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, ୧୦/୩ (ନି.ପ୍ର) : ଓଡ଼ିଶାର ପ୍ରବୀଣ ଶିକ୍ଷାବିତ୍ ମହିମା ଧର୍ମର ପ୍ରବକ୍ତା ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଶହୀଦନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ, ସତ୍ୟବ୍ରତ ଜେନା, କବିତା ସୁବୁଦ୍ଧି, ଜୟନ୍ତୀ ପଣ୍ଡା, ରୂପାଲି ସାହୁ, ସ୍ୱର୍ଗତ ନାଥଙ୍କ ପୁତ୍ରବଧୂ ଗୀତାଞ୍ଜଳି ନାଥ ଓ ତାଙ୍କ ପରିବାର ସଦସ୍ୟ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ପ୍ରଫେସର ନାଥ ଲଣ୍ଡନରେ ଉଚ୍ଚଶିକ୍ଷା ଲାଭକରି ଶିକ୍ଷକତାକୁ ବ୍ରତଭାବେ ଗ୍ରହଣ କରି ମୌଳିକ ଶିକ୍ଷାର ବିକାଶ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ସରଳ ନିଷ୍ଠାପର ଜୀବନଯାପନ କରିବା ସହ ତାଙ୍କର ଶିକ୍ଷାଦାନ ଶୈଳୀ ବିଦ୍ୟାର୍ଥୀମାନଙ୍କ ମେଧାଶକ୍ତିର ବିକାଶରେ ସହାୟକ ହୋଇଥିଲା। ସେ ଅନେକ ଗୁଡ଼ିଏ ପାଠ୍ୟପୁସ୍ତକ ରଚନା କରିବା ସହିତ ମହିମା ଧର୍ମ ଉପରେ ବହୁ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟ : ୧୧୦ ଅଧ୍ୟାପକ ଓ କର୍ମଚାରୀ ମଧ୍ୟରୁ ୭୮ ପଦବୀ ଖାଲି

ଜଳେଶ୍ୱର, ୧୦/୩ (ନି.ପ୍ର) : ସମଗ୍ର ଉତ୍ତର ବାଲେଶ୍ୱରରେ ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଛାତ୍ରଛାତ୍ରୀ ସଂଖ୍ୟା କମୁଥିବା ବେଳେ ଗୁଣାତ୍ମକ ଶିକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରଙ୍କ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି କରିବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି । ୧୯୬୪ ମସିହାରେ ଭକ୍ତକବି ଦୀନକୃଷ୍ଣଙ୍କ ନାମରେ ଜଳେଶ୍ୱର ବ୍ଲକର ଧାନସିମୁଳିଆଠାରେ ଦୀନକୃଷ୍ଣ ମହାବିଦ୍ୟାଳୟ ଗଢି ଉଠିଥିଲା । କିନ୍ତୁ ଅତିତରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଏବେ ବହୁ ପଦବୀ ଖାଲି ପଡିଛି । ଏକ ସୂଚନା ଅନୁଯାୟୀ ମହାବିଦ୍ୟାଳୟରେ ୫ଜଣ ଇଂରାଜୀ ଅଧ୍ୟାପକ ରହିବାକୁ ଥିବା ବେଳେ ଜଣେ ହେଲେ ନ ଥିବା ଯୋଗୁଁ ଶିକ୍ଷାଦାନ ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି । ଅର୍ଥନୀତିରେ ୫ରୁ ୧, ପଦାର୍ଥ ବିଜ୍ଞାନରେ ୩ରୁ ୧, ଗଣିତରେ ୨ରୁ ୧, ରସାୟନ ବିଜ୍ଞାନରେ ୩ରୁ୧, ଦର୍ଶନରେ ୪ରୁ୨, ଇତିହାସରେ ୪ରୁ୧, ଶିକ୍ଷା ବିଭାଗରେ ୩ରୁ୧, ମାତୃଭାଷାରେ ୬ରୁ ୩, ଉଦ୍ଭିଦ ବିଜ୍ଞାନରେ୨ରୁ୧, ସଂସ୍କୃତରେ ୩ରୁ୨, ରାଜନିତୀ ବିଜ୍ଞାନରେ ୪ରୁ୨, ଜୀବ ବିଜ୍ଞାନରେ ୩ରୁ୧ ପଦବୀ ଖାଲି ରହିଛି । ମୋଟ ୧୧ରୁ୯ଜଣ ଲେବେରଟରି ଏସିଷ୍ଟାଣ୍ଟ, ଅଣ ଶିକ୍ଷକ ୪୭ରୁ ୪୧, ପାଠାଗାର ୨ରୁ୨, ପାଠାଗାର ସହାୟକ ୩ରୁ୩, ଖେଳ ଶିକ୍ଷକ ୧ରୁ୧ ପଦବୀ ଖାଲି ପଡିଥିବା ଆଜି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଧ୍ୟକ୍ଷ ରାଧାରଂଜନ ସେନାପତି କହିଛନ୍ତି । ପ୍ରାୟ ୧୫ଶହ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ ଲାଗି ଆଗାମୀ ଦିନରେ ପରିଚାଳନା ବିଭାଗ ନିଯୁକ୍ତିର ସୁଯୋଗ ଦେବେ ବୋଲି ସେ କହିଛନ୍ତି । ଏହି ମହାବିଦ୍ୟାଳୟର ଦୂରବସ୍ଥା ବଢୁଥିବାରୁ ଏହାର ସମାଧାନ ଲାଗି ପୁରାତନ ଛାତ୍ରସଂଘ, ବିଶିଷ୍ଟ ଛାତ୍ର, କେତେକ ରାଜନେତା, ବୁଦ୍ଧିଜିବୀ, ଅଭିଭାବକ ଓ ସମାଜ କଲ୍ୟାଣ ବିକାଶ ପରିଷଦ ଦାବି କରିବା ସହ ଜିଲାପାଳ, ଶିକ୍ଷାବିଭାଗ ନିର୍ଦ୍ଦେଶକ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜାଗ୍ରତହେଲେ ପ୍ରତିଭାର ଜାଗରଣ ହୁଏ : ରାଜ୍ୟପାଳ



ଭଦ୍ରକ, ୧୦/୦୩ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମ୍ମାନନୀୟ ଓଡ଼ିଶାର ରାଜ୍ୟପାଳ ପ୍ରୋଫେସର ଗଣେଶୀ ଲାଲ ଆଜି ଭଦ୍ରକ ଗସ୍ତରେ ଆସି ପ୍ରଥମେ ବାସୁଦେବପୁର ବ୍ଲକର ଓ ଏଡ଼ତାଳ ଠାରେ ଅବସ୍ଥିତ ପାବନକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପୂର୍ବକ ଶ୍ରୀ ଜଗନ୍ନାଥ ମହୋତ୍ସବ ଓ ସଂକୀର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମନ୍ଦିର କମିଟିର ସଭାପତି ପଣ୍ଡିତ ଦୟାନିଧି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ମନ୍ଦିର କମିଟିର ଉପଦେଷ୍ଟା ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ଜଗନ୍ନାଥଙ୍କ ସଖା ସଖୀ ବୋଲି ସମ୍ବୋଧନ କରି ରାଜ୍ୟପାଳ ଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ଦାର୍ଶନିକ କଥାବସ୍ତୁକୁ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ସର୍ବେ ଭବନ୍ତୁ ସୁଖୀନ ହେଉଛି ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର । ଜଗନ୍ନାଥ ହେଉଛନ୍ତି ସାଂସ୍କୃତିକ ଦେବତା । ଆମ ଜାତି ହେଉଛି ମନୁଷ୍ୟ, ମନୁଷ୍ୟତା ହେଉଛି ଆମ ଧର୍ମ, ଦେବତା ହେଉଛନ୍ତି ଆମ ନେତା ଉତ୍କଳମଣିଙ୍କ ଏହି ଆଖ୍ୟାନକୁ ସେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ମଞ୍ଚରେ ସ୍ମରଣିକା ଉନ୍ମୋଚନ ସହିତ ଅତିଥି ଓ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦିବଂଗତ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କୁ ମଧ ମରଣତ୍ତୋର ଭାବେ ସମ୍ମାନିତ କରାଯାଇଥିଲା । ଏହାପରେ ରାଜ୍ୟପାଳ ତିହିଡ଼ି ବ୍ଲକ୍‌ର ତାଳପଦା ଠାରେ ଅବସ୍ଥିତ 'ବନ୍ଦେ ଉତ୍କଳ ଜନନୀ' ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମାଧୀ ପୀଠରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଲକ୍ଷ୍ମୀକାନ୍ତ କମ୍ୟୁନିଟି ସେଣ୍ଟର ପରିଦର୍ଶନ କରିଥିଲେ । ସାଂସଦ ଶ୍ରୀମତୀ ମଣ୍ଡଳ ଓ ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ମଣ୍ଡଳ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ପରେ ଦୋଳସାହିସ୍ଥିତ ରାମନାରାୟଣ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅବସରପ୍ରାପ୍ତ ପ୍ରଶାସକ ବିଦ୍ୟାଳୟର ପୂର୍ବତନ ଛାତ୍ର ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀମତୀ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ କାଦମ୍ବିନୀ, କୁନିକଥାର ସମ୍ପାଦିକା ଇତିଶ୍ରୀ ସାମନ୍ତ, ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ, ପ୍ରାକ୍ତନ ପ୍ରଶାସକ ରବି ନାରାୟଣ ସେନାପତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପ୍ରାକ୍ତନୀ' ର ଉନ୍ମୋଚନ କରାଯିବା ସହିତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଓ ଅନ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟପାଳଙ୍କୁ ମଧ ଅଙ୍ଗବସ୍ତ୍ର ସହ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବାକୁ ଯାଇ ରାଜ୍ୟପାଳ ବୁଝାଇ ଥିଲେ ଯେ ଜାଗ୍ରତ ରହିଲେ ଅନ୍ତର୍ନିହିତ ପ୍ରତିଭାର ଜାଗରଣ ସମ୍ଭବ ହୋଇଥାଏ । ଉର୍ଜାକୁ ଉତ୍କର୍ଷତାର ଶୀର୍ଷରେ ପହଞ୍ଚାଇ ହୁଏ । ନିଜର ଇଚ୍ଛା, ସ୍ୱପ୍ନ, ଲକ୍ଷ୍ୟ, ବୃଦ୍ଧି, ନିଷ୍ଠାକୁ ହୃଦୟର ସହିତ ଗ୍ରହଣ କରିପାରିଲେ ଲକ୍ଷ୍ୟକୁ ଛୁଇଁ ହୁଏ । ଶେଷରେ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିପାରିଥିବା ଉତ୍କଳ ପ୍ରଦେଶର ଐତିହ୍ୟକୁ ସେ ଭୁରି ଭୁରି ପ୍ରଶଂସା କରିଥିଲେ । ଅନ୍ୟ ଅତିଥିମାନେ ବିଦ୍ୟାଳୟ ଜୀବନର ସ୍ମୃତିଚାରଣ ପୂର୍ବକ ବିଦ୍ୟାଳୟ ଶିକ୍ଷକ, ଅଭିଭାବକ ଓ ପିଲାମାନଙ୍କୁ ନେଇ ବିଦ୍ୟାଳୟ କିପରି ତ୍ରିବେଣୀ ସଂଗମ ତାହା ବୁଝାଇ ଥିଲେ । ଶ୍ରୀଯୁକ୍ତ ସେନାପତି ଜୁବିଲି ହଲ ନିର୍ମାଣ ପାଇଁ ମୋ ସ୍କୁଲ ଅଭିଯାନରେ ୫ଲକ୍ଷ ଟଙ୍କା ଦାନ କରିବାକୁ ଘୋଷଣା କରିଥିଲେ । ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଏସ୍.ପି. ଚରଣ ସିଂ ମୀନା ରାଜ୍ୟପାଳଙ୍କ ଗ୍ରସ୍ତର ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଓଡ଼ିଶା ଅମଲା ସଂଘ ମୟୁରଭଞ୍ଜ ଜିଲ୍ଲା ଶାଖାର ବୈଠକ



ବାରିପାଦା, ୧୦/୦୩ (ନି.ପ୍ର): ଓଡ଼ିଶା ଅମଲା ସଂଘ, ମୟୂରଭଞ୍ଜ ଜିଲ୍ଲା ଶାଖାର ଏକ ବୈଠକ ସଂଘର ସଭାପତି ଶିବାଜୀ ଶତପଥୀଙ୍କ ଅଧକ୍ଷତା ରେ ସ୍ଥାନୀୟ କର୍ମଚାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବରିଷ୍ଠ ସଂଗଠକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଅମଲା ମାନଙ୍କ ସ୍ୱାର୍ଥ ଯୋଡିତ ବିଷୟ ଗୁଡିକ ଉପରେ ଧ୍ୟାନଦେଇ ରାଜ୍ୟ ସଂଘ ଗ୍ରହଣ କରିଥିବା ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ବାବଦରେ ଆଲୋଚନା କରିଥିଲେ । ନିୟମିତ ପଦବୀ ବିପକ୍ଷରେ ଠିକା ନିଯୁକ୍ତି ଓ ଠିକାରେ ୬ ବର୍ଷ କାଳ ସେବା ଯୋଗାଉଥିବା କର୍ମଚାରୀ ମାନଙ୍କ କାର୍ଯ୍ୟଅବଧିକୁ ସେବାବହିର୍ଭୁତ ସମୟ ଭାବରେ ବିବେଚନା କରିବା ଭଳି ବ୍ୟବସ୍ଥା କୁ ସମସ୍ତେ ନିନ୍ଦା କରିବା ସହ, ଏଭଳି କର୍ମଚାରୀ ତାଡନା ନିଷ୍ପତି ପ୍ରତ୍ୟାହାର କରିବା ପାଇଁ ସଂଘର ରାଜ୍ୟଶାଖା ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବାକୁ ପ୍ରସ୍ତାବ ରଖାଯାଇଛି । ସରକାରଙ୍କ ୫-ଟି ଶାସନ ଖସଡ଼ା ଅଧୁନରେ କର୍ମଚାରୀ ମାନଙ୍କୁ ଅନ୍ୟୁନ ୩ ଗୋଟି ପଦୋନ୍ନତି ସେମାନଙ୍କ ସେବା ଅବଧି ମଧରେ ପ୍ରଦାନ କରାଇବାର ସୁବନ୍ଦୋବସ୍ତ କରାଇଥିଲେ ମଧ ଜିଲ୍ଲା ସ୍ତରରେ କେତେକ ଅଧିକାରୀ ସେ ନିର୍ଦ୍ଦେଶକୁ ଉଲଂଘନ କରୁଥିବା ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦୋନ୍ନତି ଦେଉନଥିବା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗରେ କାର୍ଯ୍ୟ କରୁଥିବା ଅମଲା ମାନଙ୍କ କ୍ଷେତ୍ରରେ ପଦୋନ୍ନତିର ଆଦୌ ବ୍ୟବସ୍ଥା ନଥିବା ପ୍ରଭୃତି ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ସଂଘର ସଭାପତି ଶ୍ରୀଯୁକ୍ତ ଶିବାଜୀ ଶତପଥୀ, ସମ୍ପାଦକ ଧୀରେନ୍ଦ୍ର କୁମାର ଟୁଡୁ, କୋଷାଧ୍ୟକ ବୈଦ୍ୟନାଥ ମିଶ୍ର ପ୍ରମୁଖ ପ୍ରବେଶ ସ୍ତରୀୟ କନିଷ୍ଠ ସହାୟକ ଙ୍କୁ ଷଷ୍ଠ ବେତନ ଆୟୋଗ ଦରମା ୯୩୦୦/- ଟଙ୍କା ସହ ଗ୍ରେଡପେ ୪୨୦୦/- ଟଙ୍କା ପ୍ରଦାନ କରିବା, ରାଜ୍ୟ ସରକାର ସପ୍ତମ ବେତନ ଆୟୋଗ ସୁପାରିଶ ଆଧାରରେ ଘରଭଡା ପ୍ରଦାନ ନକରିବା ଦ୍ୱାରା କର୍ମଚାରୀ ମହଲରେ ଅଶାନ୍ତି ବୃଦ୍ଧି ପାଉଥିବା, ଜିଲ୍ଲାମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ୨୦୧୬ ଓ ୨୦୧୮ ମସିହାରେ ପ୍ରକାଶିତ ଅମଲା ନିଯୁକ୍ତି ଇସ୍ତାହାରକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନକରିବା, ବିଜ୍ଞାପିତ ହୋଇ ଖାଲି ପଡିଥିବା ଅମଲା ପଦବୀର ବିଜ୍ଞାପ୍ତି ଗୁଡିକୁ ଜିଲ୍ଲାପାଳ ପ୍ରତ୍ୟାହାର କରି ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗଙ୍କୁ ନିଯୁକ୍ତି ଭାର ଅର୍ପଣ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିବେଦନ କରିଅଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo